ବର୍ଷ-୨୬, ସଂଖ୍ୟା-୧୫୪
ଭୁବନେଶ୍ୱର
୦୮, ଜୁନ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 154
Bhubaneswar
08, June, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଭାରତୀୟ ଦଳରେ ବୈଭବ

# ଖୋର୍ଦ୍ଧା ମାଟିରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

## ୧୨ ହଜାର କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ନିର୍ମାଣ ହେବ ୨୨୦୦ବିଦ୍ୟାଳୟ

ଖୋର୍ଦ୍ଧା, ୭।୬(ମହାଭାରତ): ପଂଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ୍ୟ ସେହିପରି ଢାଂଚାରେ ପ୍ରସ୍ତୁତ କରାଯାଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ମାସରେ ବାଣପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପ୍ରଥମ ପର୍ଯ୍ୟାୟର ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ଟି ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତିପ୍ରସ୍ତର ରଖିଛନ୍ତି। ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ। ମୂଳଦୁଆ ଯେତିକି ସୁଦୃଢ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ। ତେଣୁ, ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ ଏବଂ ସଂଗଠିତ କରାଯିବ। ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ। ପିଲାମାନେ ସର୍ବୋତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ। ସେ ପୁଣି କହିଥିଲେ ଆଜିର ବଦଳୁଥିବା ନିଯୁକ୍ତି ବଜାରରେ ପିଲାମାନେ କେବଳ ପାଠ ପଢିବା ଯଥେଷ୍ଟ ନୁହେଁ, ବରଂ ସେମାନେ କିପରି ନିଯୁକ୍ତିଯୋଗ୍ୟ ହେବେ, ସମସ୍ୟାର ସମାଧାନ କରିପାରିବେ ଏବଂ ସୃଜନଶୀଳ ହେବେ ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆମର ସର୍ବୋଚ୍ଚ ପ୍ରାଥମିକତା। ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ, ପି.ଏମ୍ ଶ୍ରୀ, ଶିଶୁ ବାଟିକା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ଆଦି ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଆଜି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିଛି। ରାଜ୍ୟର ଶିକ୍ଷକ ଅଭାବ ସମସ୍ୟାକୁ ଗମ୍ଭୀରତାର ସହ ନେଇ ବିଗତ ୨ ବର୍ଷ ମଧ୍ୟରେ ୨୬,୬୧୫ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୩ ବର୍ଷ ମଧ୍ୟରେ ୪୫,୦୦୦ ଶିକ୍ଷକଙ୍କ ନିଯୁକ୍ତି ପାଇଁ ଆମେ ପଦକ୍ଷେପ ନେଉଛୁ। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ପୁଣି ଫେରାଇ ଅଣାଯାଇପାରୁଛି। ଆମର ଏହିସବୁ କାର୍ଯ୍ୟକ୍ରମ ରାଜ୍ୟରେ କେବଳ ଶିକ୍ଷାର ଭିତିଭୂମିକୁ ସଦୃଢ କରିବ ନାହିଁ, ବରଂ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ନୂଆପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ।



କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ଯେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ। ଏହାକୁ ଦୃଷ୍ଟିରେ ରଖି ଆମ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ।ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ପୂର୍ବରୁ କୌଣସି ସରକାର ଆନ୍ତରିକତାର ସହ କାମ କରୁନଥିଲେ। ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି ଯେଉଁ ଅଭିନବ ଯୋଜନା ଆରମ୍ଭ ହୋଇଛି, ଆଗାମୀ ଦିନରେ ଏହା ମାଧ୍ୟମରେ ଓଡିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ୨ ବର୍ଷ ମଧ୍ୟରେ ୨୬,୦୦୦ ସ୍କୁଲକୁ ରାଜସ୍ୱ ବିଭାଗ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଯୋଡି ହୋଇଥିଲେ। ଖୋର୍ଦ୍ଧା କୁମାରବସ୍ତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଜିଲ୍ଲାପାଳ ଖୋର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

# ଆୟଠାରୁ ୭୯୮% ଅଧିକ ସଂପତ୍ତି ଠୁଳ

ଭୁବନେଶ୍ୱର ୭।୬(ମହାଭାରତ):: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ଶ୍ରୀ ବେହେରାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ବେଳେ ଭିଜିଲାନ୍ସ ବିପୁଳ ସଂପତ୍ତି ଠାବ କରିଥିଲା। ସେ ତାଙ୍କ ଆୟଠାରୁ ୭୯୮% ଅଧିକ ସଂପତ୍ତି ଠୁଳ କରିଛନ୍ତି। ସେଥିମଧ୍ୟରେ ରହିଛି ୬ଟି କୋଠା ଓ ୧୪ଟି ଦାମୀ ଫ୍ଲାଟ୍। ତାଙ୍କଠାରୁ ୨.୦୪ କୋଟିରୁ ଅଧିକ ନଗଦ ଟଙ୍କା ଓ ୫୫୨ ଗ୍ରାମର ସୁନା ଜବତ କରାଯାଇଛି। ସେହିପରି ସେ ବ୍ୟାଙ୍କରେ ୪୫ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତା' ସହିତ ଅନ୍ୟାନ୍ୟ ସଂପତ୍ତି ଠାବ କରାଯାଇଛି। ତାଙ୍କର ୫ଟି କୋଠା ମଧ୍ୟରୁ ୪ଟି ଭୁବନେଶ୍ୱରରେ ରହିଛି। ସେ ରହୁଥିବା ଘରର ଇଣ୍ଟେରିଅର ଦେଖିଲେ ଯେ କେହି ବି ଚକିତ ହୋଇଯିବେ। ତେବେ ସେ କିଭଳି ଏତେ ସଂପତ୍ତି ଠୁଳ କଲେ, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି।

ଶ୍ରୀ ବେହେରାଙ୍କର ୬ଟି ବହୁତଳ କୋଠା ଠାବ କରାଯାଇଥିବା ବେଳେ ସେଥିରୁ ୫ଟି ଭୁବନେଶ୍ୱରର ପ୍ରମୁଖ ସ୍ଥାନଗୁଡିକରେ ରହିଛି। ନିଳାଦ୍ରୀ ବିହାରରେ ତାଙ୍କର ଏକ ୪ ମହଲା କୋଠା (୧୦ ହଜାର ୫୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ) ଥିବା ବେଳେ ୧୧୦୦ ବର୍ଗଫୁଟ୍ ଜାଗାରେ ନିର୍ମିତ ଏକ ତିନି ମହଲା କୋଠା ଶୈଳଶ୍ରୀ ବିହାର ଅଞ୍ଚଳରେ ରହିଛି। ପଟିଆର କାନନ ବିହାର ଫେଜ୍-୧ରେ ତାଙ୍କର ଏକ ଦ୍ୱିମହଲା କୋଠା (୩୭୫୦ ବର୍ଗଫୁଟ ଜାଗାରେ ନିର୍ମିତ) ଥିବା ବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଆଉ ଏକ ଦ୍ୱିମଲା କୋଠା ରହିଛି, ଯାହା ୨୫୦୦



ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି। ସେହିପରି ଯାଜପୁର ଜିଲ୍ଲା ଧର୍ମଶାଳାରେ ପୈତୃକ ଜାଗା ଉପରେ ତାଙ୍କର ଏକ ଦ୍ୱିମହଲା କୋଠା ରହିଛି। ଏହି କୋଠା ମଧ୍ୟ ୨୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ତା' ସହିତ ଜୟଦେବ ବିହାରରେ ତାଙ୍କର ଏକ ଘର ଅଛି, ଯାହା ୧୦୦୦ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି। ୧୩ଟି ଦାମୀ ଫ୍ଲାଟ୍ ମଧ୍ୟରୁ ୮ଟି ଭୁବନେଶ୍ୱରର ପ୍ରମୁଖ ସ୍ଥାନମାନଙ୍କରେ ଥିବା ବେଳେ ୫ଟି ଯାଜପୁରର ଧର୍ମଶାଳରେ ଓ ଗୋଟିଏ ବାରିପଦାରେ ରହିଛି। ତାଙ୍କଠାରୁ ୨ କୋଟି ୪ ଲକ୍ଷ ୧୪ ହଜାର ୪୦୦ ଟଙ୍କା ଜବତ କରାଯାଇଛି। ସେଥିରୁ ୨ କୋଟିରୁ ଅଧିକ ଟଙ୍କା ବ୍ୟାଙ୍କ ଲକରରେ ଥିଲା। ତାଙ୍କର ଏକ ଚାରି ଚକିଆ ଗାଡି (ଐଇଙ୍କଭୟବସ ଉକ୍ସରସ୍ପବ) ଅଛି। ତାଙ୍କର ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୪୪ ଲକ୍ଷ ୩୫ ହଜାର ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଏହି ଘଟଣାରେ ଭିଜିଲାନ୍ସ ସେଲ୍ ଥାନାରେ ମାମଲା ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ବୈକୁଣ୍ଠ ନାଥ ବେହେରାଙ୍କ ବିରୋଧରେ ମାମଲା ଦାଖଲ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଛି। ବୈକୁଣ୍ଠ ନାଥ ବେହେରା (ଜନ୍ମ ତାରିଖ- ୧୩.୦୬.୧୯୭୪) ୧୯୯୯ ମସିହାରେ କନିଷ୍ଠ ଯନ୍ତ୍ରୀ (ସିଭିଲ୍) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ନବରଙ୍ଗପୁର ବ୍ଲକରେ ଅବସ୍ଥାପିତ ହୋଇଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୬୦୦୦ ଟଙ୍କା। ୨୦୦୧ରେ ତାଙ୍କୁ ଉଦଳା ଆଇ.ଟି.ଡି.ଏ. (ଓଝଡଉଇ)ରେ କନିଷ୍ଠ ଯନ୍ତ୍ରୀ (ଔର) ଭାବେ ଅବସ୍ଥାପିତ କରାଯାଇଥିଲା। ୨୦୦୧ ରୁ ୨୦୦୭ ପର୍ଯ୍ୟନ୍ତ ସେ କୁସୁମଗୁଡା ବ୍ଲକ ଓ ଡାବୁଗାଁ ବ୍ଲକ ଏବଂ ନବରଙ୍ଗପୁର ଆଇ.ଟି.ଡି.ଏରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୬ରେ ସେ ସହକାରୀ ଯନ୍ତ୍ରୀ (Asst. Engineer) ପାହ୍ୟାକୁ ପଦୋନ୍ନତି ପାଇଥିଲେ ଏବଂ ନବରଙ୍ଗପୁର ITDAରେ ଅବସ୍ଥାପିତ ହୋଇଥିଲେ। ୧୨.୦୨.୨୦୨୬ ରିଖରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଇସ୍ପସ୍ପ. ରଘଂରମଙ୍କସ୍ପସଙ୍ଗର ରଭଶସଭରରକ୍ସ) ପାହ୍ୟାକୁ ପଦୋନ୍ନତି ପାଇ ବାଲିଗୁଡା ଓଝଡଉଇରେ ଅବସ୍ଥାପିତ ହୋଇଥିଲେ ଏବଂ ଆଜି ପର୍ଯ୍ୟନ୍ତ ସେହି ପଦବୀରେ ଅଛନ୍ତି।

## ଅନୁଗୋଳ ପର୍ଯ୍ୟବେକ୍ଷଣ ଗୃହରୁ ପୁଣି ଜଣେ ବାଳ ଅପରାଧୀ ଚମ୍ପଟ


ଅନୁଗୋଳ ୭।୬(ମହାଭାରତ):: ଅନୁଗୋଳ ପରିବୀକ୍ଷଣ ଛାତ୍ରାବାସ ତଥା ପର୍ଯ୍ୟବେକ୍ଷଣ ଗୃହ ଏବଂ ସ୍ୱତନ୍ତ୍ର ଆବାସରୁ ପୁଣି ଜଣେ ବାଳ ଅପରାଧୀ ଚମ୍ପଟ। ଆଜି ସକାଳେ ପର୍ଯ୍ୟବେକ୍ଷଣ ଗୃହର ମୁଖ୍ୟ ଫାଟକ ଡେଇଁ ଚମ୍ପଟ ମାରିଥିଲେ ଜଣେ ବାଳ ଅପରାଧୀ। ତେବେ ପରେ ତାଙ୍କୁ ଧରିବାରେ ସଫଳ ହୋଇଥିଲା ପୁଲିସ।ଏହି ବାଳ ଅପରାଧୀ ଜଣକ ହେଉଛନ୍ତି ଅନୁଗୋଳ ସହରର ଶିକ୍ଷକପଡ଼ା ଅଞ୍ଚଳର। ଗତ ଶୁକ୍ରବାର ସ୍ଥାନୀୟ ସାଇମନ୍ଦିର ନିକଟ ଗଳିରୁ ଜଣେ ବ୍ୟକ୍ତିଙ୍କ ଠାରୁ ମୋବାଇଲ ଛଡ଼ାଇ ନେବା ଅଭିଯୋଗରେ ପୁଲିସ ତାଙ୍କୁ ଅଟକ ରଖିଥିଲା। ଗତକାଲି ଦିନ ୨ଟାରେ ଅନୁଗୋଳ ପରିବୀକ୍ଷଣ ଛାତ୍ରାବାସ ତଥା ପର୍ଯ୍ୟବେକ୍ଷଣ ଗୃହରେ ତାଙ୍କୁ ଛାଡ଼ିଥିଲା ପୁଲିସ।

ଆଜି ସକାଳ ପ୍ରାୟ ୮ଟା ବେଳେ ବାଳ ଅପରାଧୀ ଜଣଙ୍କ ମୁଖ୍ୟ ଫାଟକ ନିକଟ ପାଚେରୀ ଡେଇଁ ମାଛ ମାର୍କେଟ ଆଡ଼କୁ ଦୌଡ଼ି ପଳାଇଥିଲେ। ସଙ୍ଗେ ସଙ୍ଗେ ପର୍ଯ୍ୟବେକ୍ଷକ ଗୃହର କର୍ମଚାରୀ ବାହାରକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ପରେ ପୁଲିସ ଖୋଜାଖୋଜି କରି ତାଙ୍କୁ ପ୍ରଗତୀ ନଗର ଅଞ୍ଚଳରୁ କାବୁ କରିଥିଲା। ଏହାପୂର୍ବରୁ ଗତ ଫେବୃଆରୀ ମାସ ୧୭ ତାରିଖରେ ଦୁଇ ଜଣ ବାଳ ଅପରାଧୀ ପର୍ଯ୍ୟବେକ୍ଷଣ ଗୃହରର ଡ୍ରେନ ଦେଇ ଚମ୍ପଟ ମାରିଥିଲେ।

## ସବୁ ପୌରାଂଚଳରେ ହେବ ଇଭି ଚାର୍ଜିଂ ଷ୍ଟେସନ, ସରକାର ଆଣିଲେ ଏସଓପି

ଭୁବନେଶ୍ୱର, ୭।୬(ମହାଭାରତ): ରାଜ୍ୟରେ ବୈଦ୍ୟୁତିକ ଯାନ ବା ଇଭି ଗାଡି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସରକାରୀ ଅଫିସଗୁଡିକରେ ଭଡା ପାଇଁ ଇଭି ଗାଡି ବାଧ୍ୟତାମୂଳକ କରିବା ପରେ ଏବେ ରାଜ୍ୟର ସବୁ ସହରାଂଚଳରେ ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟର ସବୁ ମହାନଗର ନିଗମ, ପୌରପାଳିକା ଓ ଏନଏସିଗୁଡିକରେ ଇଭି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସଓପି ପ୍ରସ୍ତୁତ କରାଯାଇଛି।



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଚିଠା ଏସଓପିକୁ ଏବେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡିଶା ଇଭି ପଲିସି ୨୦୨୧ ର ନିୟମାବଳୀ ଆଧାରରେ ଯାଂଚ କରିବା ନିମନ୍ତେ ରାଜ୍ୟ ପରିବହନ କମିଶନରଙ୍କ ପାଖକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଏହି ଇଭି ଚାର୍ଜିଂ ଷ୍ଟେସନ ଗୁଡିକୁ ସହରାଂଚଳର ଏକ ରାଜସ୍ୱ ଆଦାୟକାରୀ ଭିତିଭୂମି ଭାବେ ସାମିଲ କରାଯାଇଛି, ଯାହା ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବା ସହ ପୌରସଂସ୍ଥା ଗୁଡିକର ଆୟ ବୃଦ୍ଧିରେ ମଧ୍ୟ ସହାୟକ ହେବ। ଏହି ଏସଓପି ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସହରାଂଚଳର ସ୍ଥାନୀୟ ସଂସ୍ଥା ବା ୟୁଏଲବିଗୁଡିକ ସେମାନଙ୍କ ଅଧୀନରେ ଥିବା ସରକାରୀ ଜମିକୁ ଏହି ଚାର୍ଜିଂ ଷ୍ଟେସନ ପ୍ରତିଷ୍ଠା ପାଇଁ ଚିହ୍ନଟ କରିବେ। ଏହି ସ୍ଥାନ ଚୟନ ସମୟରେ ବିଶେଷକରି ପାର୍କିଂ ହବ୍, ବ୍ୟବସାୟିକ କେନ୍ଦ୍ର, ସରକାରୀ କୋଠାବାଡି, ବଜାର ଓ ପ୍ରମୁଖ ଯାତାୟାତ କରିଡରଗୁଡିକୁ ପ୍ରାଥମିକତା ଦିଆଯିବ।

## କନଷ୍ଟେବଲ ସ୍ୱାମୀଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ କନଷ୍ଟେବଲ ସ୍ତ୍ରୀ!

ଭୁବନେଶ୍ୱର ୭।୬(ମହାଭାରତ):: ଏମଭି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କୁ ତାଙ୍କ ସ୍ତ୍ରୀ ଓ ଶାଳକ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସେ ଦେଇଥିବା ବୟାନର ଭିଡିଓ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆ କହିଛନ୍ତି ଯେ ସେ ତାଙ୍କ ସ୍ତ୍ରୀଙ୍କ ସରକାରୀ ବାସଭବନକୁ ଯାଇଥିଲେ। ସେଠାରେ ତାଙ୍କ ସ୍ତ୍ରୀ ଓ ଶାଳକ ତାଙ୍କ ଉପରେ ପେଟ୍ରୋଲ ଢାଳି ଦେଇଥିଲେ। ସେ ଦୌଡି ପଳାଇ ଆସୁଥିବା ବେଳେ ସେମାନେ ଦିଆସିଲ ମାରି ଦେଲେ। ଏହା ପରେ ସେ ଦୌଡି ଯାଇ ଜଣଙ୍କ ଘରକୁ ପଶି ଯାଇଥିଲେ। ସେହି ଘରର ଲୋକେ ତାଙ୍କ ଉପରେ ପାଣି ଢାଳି ଦେବାରୁ ନିଆଁ ଲିଭି ଯାଇଥିଲା। ଏହା ପରେ ଆମ୍ବୁଲାନ୍ସ ଆସି ତାଙ୍କୁ ଉଦ୍ଧାର କରିଥିଲା।

## କଳାମୁମୁନି ପଥର ଖଣିରେ ବିସ୍ଫୋରଣ, ଜଣେ ମୃତ

ନିହାଲପ୍ରସାଦ ୭।୬(ମହାଭାରତ):: ଢେଙ୍କାନାଳଜିଲ୍ଲା ନିହାଲପ୍ରସାଦ ଥାନା କଷ୍ଟିପାଳ ଗ୍ରାମସ୍ଥିତ କଳାମୁଗୁନି ପଥର ଖଣିରେ ଆଜି ବିସ୍ଫୋରଣ ହୋଇଛି। ଏହି ବିସ୍ଫ ?ରଣରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ଜଣା ପଡିବାପରେ ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି। ଅନ୍ୟାନ କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବିସ୍ଫ ?ରଣ ହୋଇଥିବା ଖଣିକୁ ନିୟମ ଅନୁଯାୟୀ ନିଲାମ ଦିଆଯାଇଛି। ସେହି ଖଣିର ବ୍ଲାଷ୍ଟିଙ୍ଗ ଅନୁମତି ମଧ୍ୟ ରହିଛି। ତେବେ ତାର ସ୍ଥାୟିତ୍ୱ କେବେ ପର୍ଯ୍ୟନ୍ତ ରହିଛି ତାର ତଦନ୍ତ ଚାଲିଛି। ବ୍ଲାଷ୍ଟିଙ୍ଗ ସମ୍ପର୍କିତ ଅନ୍ୟାନ ତଦନ୍ତ ସମ୍ପର୍କରେ ପୁଲିସ ପକ୍ଷରୁ ସୂଚନା ଦିଆନଯିବା ପର୍ଯ୍ୟନ୍ତ ଅପପ୍ରଚାର ପ୍ରଘଟ ନ କରିବାକୁ ଅନୁରୋଧ କରାଯାଇଛି।

## ୩୭୯୩ କୋଟିର ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ, ୨୦ହଜାରଙ୍କୁ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୭।୬(ମହାଭାରତ): ରାଜ୍ୟରେ ୨୪ଟି ଶିଳ୍ପ ପ୍ରକଳ୍ପକୁ ଆଜି ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ମିଳିଛି । ଏହି ୩୭୯୩.୩୩କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ଆଉ ୧୯୯୨୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟର ଆଂଚଳିକ ସନ୍ତୁଳିତ ବିକାଶକୁ ଆଖିରେ ରଖି ଏହି ପ୍ରକଳ୍ପଗୁଡିକ ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ, ଗଞ୍ଜାମ, ଜଗତସିଂହପୁର ଓ ମୟୂରଭଞ୍ଜ ପରି ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି।

ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପଗୁଡିକୁ ଅନୁମୋଦନ ମିଳିଛି। ଙ୍କାନାଳଠାରେ ସିଇଏସସି ଗ୍ରୀନ ପାୱାର ଲିମିଟେଡ୍ ପକ୍ଷରୁ ୬୮୩.୮୩ କୋଟି ଟଙ୍କା ବ୍ୟୟରେ ଏକ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ପ୍ରକଳ୍ପ ପ୍ରତିଷ୍ଠା ହେବ, ଯାହା ୧୫୩ ଜଣଙ୍କୁ ରୋଜଗାର ସୁଯୋଗ ଦେବ । ସେହିପରି ଏଭିପି ଷ୍ଟାର୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାଠାରେ ୫୦୦କୋଟି ଟଙ୍କା ନିବେଶରେ ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ ଉତ୍ପାଦନ କେନ୍ଦ୍ର ସ୍ଥାପନ ହେବ ଓ ୫୦୦ ଜଣଙ୍କୁ ନିଯୁକ୍ତି ଦେବ।




ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୧୬୮.୬୪ କୋଟି ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣ କରିବ, ଯାହା ୧୦୩୦୬ଜଣଙ୍କୁ କର୍ମନିଯୁକ୍ତି ଦେବ ବୋଲି ଜଣାପଡିଛି। ସେହିପରି ଶାହୀ ଏକ୍ସପୋର୍ଟସ୍ ସମ୍ବଲପୁରରେ ୧୪୫.୫୦ କୋଟି ଟଙ୍କା ବ୍ୟୟରେ ଗାର୍ମେଣ୍ଟସ ୟୁନିଟ୍ ସ୍ଥାପନ କରିବ ଓ ୧୮୪୦ ନିଯୁକ୍ତି ସୁଯୋଗ ଦେବ। ମା' ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ଗଞ୍ଜାମରେ ୭୦ କୋଟି ଟଙ୍କାର ଏକ ସମନ୍ୱିତ ବସ୍ତ୍ର ପ୍ରକଳ୍ପ ପ୍ରତିଷ୍ଠା କରିବ। ସେହିପରି ସ୍ୱସ୍ତି ପ୍ରିମିୟମ ଲିମିଟେଡ୍ ୨୫୦କୋଟି ଟଙ୍କା ବ୍ୟୟରେ କୋରାପୁଟଠାରେ ପଂଚତାରକା ରିସୋର୍ଟ ଓ ଏସଏନଏମ୍ ହୋଟେଲ ୧୩୩.୩୪କୋଟି ଟଙ୍କା ବ୍ୟୟରେ ଅନ୍ୟ ଏକ ରିସୋର୍ଟ ସ୍ଥାପନ କରିବ। କେନ୍ଦୁଝରରେ ଇକୋ ରିସୋର୍ଟସ୍ ପକ୍ଷରୁ ୧୦୫.୬୦କୋଟି ଟଙ୍କା ବ୍ୟୟରେ ୱାଟର ଆମ୍ୟୁଜମେଂଟ ପାର୍କ, ପୁରୀରେ ୯୨.୮୦କୋଟି ଟଙ୍କା ବ୍ୟୟରେ ଶୈଳବାଳା ଇନଫ୍ରାଷ୍ଟକର ଓ ଜଗତସିଂହପୁରରେ ୭୦କୋଟି ଟଙ୍କା ବ୍ୟୟରେ ସୂର୍ଯ୍ୟ ଉଦ୍‌ଯୋଗ କମ୍ପାନୀ ୪ଷ୍ଟାର ହୋଟେଲ ସ୍ଥାପନ କରିବ । ମୟୂରଭଞ୍ଜରେ ପ୍ରାଚୀ ଏଣ୍ଟରପ୍ରାଇଜେସ୍ ୫୨କୋଟି ଟଙ୍କାରେ ଇକୋ ରିସୋର୍ଟ, ଓ ସୁନ୍ଦରଗଡରେ ଲହର୍ସ ଏକ୍ସପୋର୍ଟସ ୬୦କେଟି ଟଙ୍କା ବ୍ୟୟରେ ହୋଟେଲ ପ୍ରକଳ୍ପ ନିର୍ମାଣ କରିବ।

ଏସବୁ ବ୍ୟତୀତ ଜେଏସଡବ୍ଲ୍ୟୁ ସେଭରଫିଲ୍ଡସ ଷ୍ଟ୍ରକଚର୍ସ ଲିମିଟେଡ୍ ଯାଜପୁରଠାରେ ୨୧୫ କୋଟି ଟଙ୍କା ନିବେଶରେ ଏକ ଷ୍ଟିଲ୍ ଫାବ୍ରିକେସନ ୟୁନିଟ୍ ପ୍ରତିଷ୍ଠା କରି ୧୪୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ଦେବ । କୋଶଳ ସେରାମିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡାଠାରେ ୨୭୫.୦୭ କୋଟି ଟଙ୍କା ବ୍ୟୟରେ ଏହାର ରିଫ୍ରାକ୍ଟୋରି ଇଟା ଉତ୍ପାଦନ କେନ୍ଦ୍ରର ସମ୍ପ୍ରସାରଣ କରି ଏକହଜାର ନୂଆ ନିଯୁକ୍ତି ଓ ସୁନ୍ଦରଗଡରେ ଏନଭାଇରୋକେୟାର ଇନଫ୍ରାସଲ୍ୟୁସନ ୮୧ କୋଟି ଟଙ୍କା ଏବଂ ଖୋର୍ଦ୍ଧାରେ ବିଷ୍ଣୁ ଷ୍ଟିଲ୍ ୫୧.୮୩ କୋଟି ଟଙ୍କା ବ୍ୟୟରେ ନିଜର ଶିଳ୍ପ ସ୍ଥାପନ କରିବାକୁ ସିଙ୍ଗଲୱିଣ୍ଡୋ ବୈଠକରେ ମଞ୍ଜୁରୀ ପାଇଛନ୍ତି।

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



### ଖବର

## ସୋସିଆଲ ମିଡିଆକୁ ବର୍ଷେ ପରେ ଫେରିଲେ ତାପସୀ,



ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ତାପସୀ ପନ୍ନୁ ପୁଣିଥରେ ଚର୍ଚ୍ଚାରେ ।ତାପସୀ ଦୀର୍ଘ ବର୍ଷେ ଯାଏଁ ସୋସିଆଲ ମିଡିଆରୁ ଦୂରତା ରଖିବା ପରେ ପୁଣି ଥରେ ସୋସିଆଲ ମିଡିଆକୁ ଫେରିଛନ୍ତି । ସୋସିଆଲ ମିଡିଆକୁ ଫେରିବା ପରେ ଫ୍ୟାନ୍ସ ତାଙ୍କୁ ନିଜ ଆକାଉ□କୁ ନେଇ ପ୍ରଶ୍ନ ପଚାରିଥିଲେ । ଫ୍ୟାନ୍ସ ପଚାରିଛନ୍ତି କି, ତାଙ୍କ ଆକାଉଣ୍ଟରେ ଏବେ କିଭଳି କମେଣ୍ଟ ଦେଖିବାକୁ ଚାହୁଁଛନ୍ତି । ଯାହାର ଉତ୍ତରରେ ତାପସୀ କହିଛନ୍ତି, ଆଜିକାଲିର ସେଲିବ୍ରିଟି ପ୍ରତି ମୁହୂର୍ତ୍ତରେ ଅନଲାଇନ ଆକ୍ଟିଭ ରହୁଛନ୍ତି । ଏସବୁ ଠାରୁ ଥକ୍କି କରି ସ୍କ୍ରିନ ଠାରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିଲି । ତେବେ ତାପସୀଙ୍କ ଏଭଳି ବୟାନ ପରେ ଇଣ୍ଡଷ୍ଟିରେ ନୂଆ ବିବାଦ ଦେଖାଦେଇଛି ।ତାପସୀ ଆହୁରି କହିଛନ୍ତି, ସୋସିଆଲ ମିଡିଆରେ ଦୂରତା ରଖିବା ନେଇ ମୁଁ କୌଣସି ବାଜା ବଜେଇନଥିଲି । ଏଭଳି ନିଷ୍ପତ୍ତି ନିଜ ଶାନ୍ତି ପାଇଁ ନେଇଥିଲି । ସୋସିଆଲ ମିଡିଆରୁ ଦୂରତା ରଖିବା ନେଇ କୌଣସି ଘୋଷଣା ବି କରିନଥିଲି । ଏହି ନିଷ୍ପତ୍ତି ମୋର ସଂପୂର୍ଣ୍ଣ ନିଜସ୍ୱ ରହିଥିଲା। ମୋ କାମ ସହିତ ଜଡିତ ନୁହେଁ । ମୁଁ ମୋ ନିଜ ହିସାବରେ ଜୀବନ ବଞ୍ଚିବାକୁ ଚାହୁଛି । କିନ୍ତୁ ସୋସିଆଲ ମିଡିଆରେ ଟ୍ରେଣ୍ଡ ରହିବାକୁ ନୁହେଁ । ତେଣୁ ମୁଁ ସୋସିଆଲ ମିଡିଆ ଆପ୍ସକୁ ଡିଲିଟ କରିଦେଇଥିଲି ।ତାପସୀଙ୍କ ମତରେ ମାର୍କେଟିଂ ପାଇଁ ଅଭିନେତ୍ରୀମାନେ ନିଜକୁ ବଦଳାଇ ଦେଉଛନ୍ତି । ଯଦି କୌଣସି ବ୍ରାଣ୍ଡ ମୋ ପାଖକୁ ଆସେ, ତେବେ ସେ ମୋ ପର୍ସନାଲିଟି ପାଇଁ ମୋତେ ବାଛନ୍ତି, ଯଦି ଏଥିପାଇଁ ମୋତେ ନାଟକ କରିବାକୁ ପଡେ, ତେବେ ମୋର ନିଜସ୍ୱ ଅସ୍ତିତ୍ୱ କଣ ରହିବ । ସୋସିଆଲ ମିଡିଆରେ ମନୋରଂଜନ ଦୁନିଆରେ ଅଂଶ ସତ, କିନ୍ତୁ ନିଜର ଅସ୍ତିତ୍ୱ ହରାଇ ନୁହେଁ ଯତାପସୀ ସୋସିଆଲ ମିଡିଆରେ ଦୂରେଇବା ପରେ ତାଙ୍କ ଫ୍ୟାନ୍ସ ଏବଂ ସାଙ୍ଗମାନେ ଚିନ୍ତିତ ହୋଇପଡିଥିଲେ। ଏବେ କିନ୍ତୁ ତାପସୀ ଡେନମାର୍କରେ ସ୍ୱାମୀ ଏବଂ ପରିବାର ସହିତ ଖୁସି ମୁହୂର୍ତ୍ତ ବିତାଉଛନ୍ତି । ତାପସୀଙ୍କ ଆଗାମୀ ଫିଲ୍ମ 'ଓ୍ୱେ ଲଡକୀ କହାଁ ହୈ'ରେ ନଜର ଆସିବେ । ଏହି ଫିଲ୍ମରେ ପ୍ରତୀକ ଗାନ୍ଧି, ପ୍ରତୀକ ବବ୍ବର ଏବଂ ହରଲୀନ ସେଠୀ ଭଳି ଅଭିନେତା ନଜର ଆସିଛନ୍ତି ।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ

ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।




ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ। ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

## କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?

ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ



ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧର୍ନୁଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ଭରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚଯର୍ଯ୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରିପାରିନଥାନ୍ତ । ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବନାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧର୍ନୁଚାଳନା ଭୁଲିଯିବ। ସେମିତି ହିଁ ହେଲା। ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

## ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନୀ ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

## ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୂରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ



ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# ଗ୍ରୀନ୍ ହାଇଡ୍ରୋଜେନ୍ ସାଧାରଣ ପରିବହନ ବ୍ୟବସ୍ଥାର ସମୀକ୍ଷା



**ଭୁବନେଶ୍ୱର, ୭।୬ (ମହାଭାରତ):** ରାଜ୍ୟରେ ସ୍ଥାୟୀ ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ସ୍ୱଚ୍ଛ ଶକ୍ତି ସଂକ୍ରାନ୍ତୀୟ ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଗ୍ରୀନ୍ ହାଇଡ୍ରୋଜେନ୍ ଗତିଶୀଳତା ପ୍ରକଳ୍ପ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କ୍ରୁଟ୍, ଏନଟିପିସି ଏବଂ ଗ୍ରୀଡକୋର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ହାଇଡ୍ରୋଜେନ୍ ଚାଳିତ ସାଧାରଣ ପରିବହନ ବ୍ୟବସ୍ଥାର ପ୍ରଚଳନ କରିବା ଏବଂ ରାଜ୍ୟର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ବ୍ୟବସ୍ଥା ପ୍ରତିଷ୍ଠା କରିବା। ଏହି ଅଭିନବ ପ୍ରୟାସ ଭାରତ ସରକାରଙ୍କ 'ନ୍ୟାସନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ' ଅନୁରୂପ ହୋଇଥିବା ବେଳେ ଏହା ଦେଶର 'ନେଟ୍ ଜିରୋ' କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ କରିବାରେ ଏବଂ ସ୍ୱଦେଶୀ ସ୍ୱଚ୍ଛ ଇନ୍ଧନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ବିଶେଷ ସହାୟକ ହେବ। ଏନଟିପିସି, ଗ୍ରୀଡକୋ ଓ କ୍ରୁଟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତ୍ରିପାକ୍ଷିକ ବୁଝାମଣା ପତ୍ର ପରଠାରୁ ହୋଇଥିବା ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ଏହି ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ଭୁବନେଶ୍ୱରର ପୋଖରୀପୁଟସ୍ଥିତ 'କ୍ରୁଟ୍' ଡିପୋରେ ଏକ 'ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ ଏବଂ ରିଫ୍ୟୁଲିଂ କେନ୍ଦ୍ର' ପ୍ରତିଷ୍ଠା କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଏକ ପାଇଲଟ୍ ପ୍ରକଳ୍ପ ଭାବେ ତିନୋଟି ହାଇଡ୍ରୋଜେନ୍ ଫ୍ୟୁଏଲ୍ ସେଲ୍ ଇଲେକ୍ଟ୍ରିକ୍ ବସ୍ ପ୍ରଚଳନ କରାଯିବାର ଯୋଜନା ରହିଛି। ଏହି ପ୍ରକଳ୍ପ ମାଧ୍ୟମରେ ଦୈନିକ ପ୍ରାୟ ୨୬୦ କିଲୋଗ୍ରାମ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରିବା ସହ ଆଦର୍ଶ ସ୍ଥିତିରେ ଏହି ବସ୍‌ଗୁଡ଼ିକୁ ଦୈନିକ ୬୦୦ କିଲୋମିଟର ପର୍ଯ୍ୟନ୍ତ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହା ସ୍ୱଚ୍ଛ ଓ ଦକ୍ଷ ସାଧାରଣ ପରିବହନର ବିକଳ୍ପ ଯୋଗାଇବା ସହ ଶୂନ୍ୟ ନିର୍ଗମନ ସୁନିଶ୍ଚିତ କରିବ। ଫଳରେ ବାର୍ଷିକ ପ୍ରାୟ ୯୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ, ଯାହା ପରିବେଶ ସୁରକ୍ଷା ଦିଗରେ ଏକ ବଡ଼ ସଫଳତା ହେବ।

ଏହି ପ୍ରକଳ୍ପ ପାଇଁ ମୋଟ ପୁଞ୍ଜି ବିନିଯୋଗ ୫୩.୫୫ କୋଟି ଟଙ୍କା ଆକଳନ କରାଯାଇଛି, ଯେଉଁଥିରୁ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ ଅଧୀନରେ ୧୯.୫୨ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ବାକି ଅର୍ଥ ଷ୍ଟେକହୋଲ୍ଡରଙ୍କ ଅଂଶଧନ ଏବଂ ରାଜ୍ୟ ସରକାରଙ୍କ ସହାୟତା ମାଧ୍ୟମରେ ଭରଣା କରାଯିବାକୁ ପ୍ରସ୍ତାବ ରହିଛି। ବୈଠକରେ ପ୍ରକଳ୍ପର କାର୍ଯ୍ୟକାରିତା, ରୁଟ୍ ପ୍ଲାନିଂ, ଆର୍ଥିକ ସ୍ଥିରତା, ବିପଦ ଆବଣ୍ଟନ ଏବଂ ବିଭିନ୍ନ ସଂସ୍ଥାର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ତ୍ରିପାକ୍ଷିକ ବୁଝାମଣା ଅନୁଯାୟୀ, ଏନଟିପିସି ହାଇଡ୍ରୋଜେନ୍ ଭିତ୍ତିଭୂମିର ବିକାଶ ଓ ପରିଚାଳନା କରିବ, ଗ୍ରୀଡକୋ ବିଦ୍ୟୁତ ଯୋଗାଣ ଏବଂ ସବସିଡି ବ୍ୟବସ୍ଥା ସହଜ କରିବ ଏବଂ କ୍ରୁଟ ବସ୍ ଚଳାଚଳ ଓ ସାଧାରଣ ପରିବହନ ସେବାର ପରିଚାଳନା ଦାୟିତ୍ୱ ନେବ। ପ୍ରକଳ୍ପର ଆର୍ଥିକ ଏବଂ କାର୍ଯ୍ୟକ୍ଷମ ପ୍ରଭାବର ଏକ ବିସ୍ତୃତ ମୂଲ୍ୟାଙ୍କନ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ଷମ ବ୍ୟୟ, କିଲୋମିଟର ପ୍ରତିବଦ୍ଧତା, ରାଜସ୍ୱ ବଣ୍ଟନ ଏବଂ ପ୍ରସ୍ତାବିତ ନିୟମାବଳୀ ଅଧୀନରେ ବିପଦ ଆବଣ୍ଟନକୁ ନେଇ କ୍ରୁଟ ଦ୍ୱାରା ଉପସ୍ଥାପିତ ଆଶଙ୍କାଗୁଡ଼ିକ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

# ୪୧ ଲକ୍ଷ ଭୋଟରଙ୍କୁ ଫର୍ମ ବଂଟନ

**ଭୁବନେଶ୍ୱର, ୭।୬ (ମହାଭାରତ):** ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଆରମ୍ଭ ହୋଇଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ଚତୁର୍ଥ ଦିନରେ ପହଁଚିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ୦୨ ଜୁନ (ମଙ୍ଗଳବାର) ସନ୍ଧ୍ୟା ୦୭ ଟା ସୁଦ୍ଧା ରାଜ୍ୟରେ ୪୧ ଲକ୍ଷ ୬୦ହଜାର ଭୋଟରଙ୍କୁ ଫର୍ମ ବଂଟନ କରାଯାଇ ସାରିଛି। ଚତୁର୍ଥ ଦିନରେ ମଧ୍ୟ ଏହି ପ୍ରକ୍ରିୟା ବେଶ୍ ଦ୍ରୁତ ଗତିରେ ଆଗେଇ ଚାଲିଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ବୁଥସ୍ତରୀୟ ଅଧିକାରୀ ମାନେ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ସମସ୍ତ ଦୁର୍ଗମ ଅଂଚଳରେ ଘରକୁ ଘର ବୁଲି ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି।ଘରକୁ ଘର ବୁଲି ଏହି ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ପାଇଁ ରାଜ୍ୟ ସାରା ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବି ଏଲ ଓ)ନିୟୋଜିତ ହୋଇଛନ୍ତି। ବିଏଲ୍ଓମାନେ ପ୍ରତି ଅଂଚଳରେ ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ସଂଗ୍ରହ କରିବା ସହ ଫର୍ମ ବଂଟନ କରୁଛନ୍ତି।

ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯାଉଛି। ଚତୁର୍ଥ ଦିନରେ ୪୧ ଲକ୍ଷ ୬୦ହଜାର ଭୋଟର ଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପରିଗଣନା ପୂରଣ ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ।ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ତଥ୍ୟ ପୂରଣ ପରେ ନିଜେ ଅପଲୋଡ ମଧ୍ୟ କରିପାରିବେ। ଏହି ପରିଗଣନା ଫର୍ମ ପୂରଣ ସମୟରେ ଭୋଟରମାନଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଦସ୍ତାବିଜ ସଂଗ୍ରହ (ଡକ୍ୟୁମେଣ୍ଟ) କରିବାର ଆବଶ୍ୟକତା ନାହି ବୋଲି ସ୍ପଷ୍ଟ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ସମନ୍ୱିତ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ହୋଇଥିବା ୩୩ ହଜାର ୨୬ ଜଣ ବୁଥସ୍ତରୀୟ ଏଜେଂଟ (ବିଏଲଏ) ମଧ୍ୟ କ୍ଷେତ୍ର ସ୍ତରରେ ବିଏଲ୍ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ଚତୁର୍ଥ ଦିନରେ ଏସଆଇଆର କାର୍ଯ୍ୟକ୍ରମର ଅଗ୍ରଗତି ସନ୍ତୋଷଜନକ ରହିଛି ଏବଂ କୌଣସି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

# ମୁଖ୍ୟ ସଚିବଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କ ଅବସର ଗ୍ରହଣ

**ଭୁବନେଶ୍ୱର, ୭।୬ (ମହାଭାରତ):** ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିବା ସୁଶାନ୍ତ କୁମାର ବେହେରା ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀ କଲ୍ୟାଣ କୁମାର ରଥ ଅଧ୍ୟକ୍ଷତା କରି ଶ୍ରୀବେହେରାଙ୍କ କର୍ତ୍ତବ୍ୟ ନିଷ୍ଠା, ଏକାଗ୍ରତା ଓ ସମୟାନୁବର୍ତିତାର ସହ କାର୍ଯ୍ୟ ସଂପାଦନ ଶୈଳୀକୁ ପ୍ରଶଂସା କରିବା ସହ ତାଙ୍କର ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର ବରିଷ୍ଠ ପରାମର୍ଶଦାତା ଦେବେନ୍ଦ୍ର କୁମାର ଜେନା, ଅନୁ ଶାସନ ସଚିବ ଗାୟତ୍ରୀ ସାମନ୍ତରାୟ, ଅନୁ ଶାସନ ସଚିବ ଅଂଶୁମାନ ରଥ, ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଡଃ ଉପାସନା ମହାପାତ୍ର, ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ଅଭିପ୍ କାନୁନ୍‌ଗୋ, ଲୋକ ସଂପର୍କ ଅଧିକାରୀ ପଠାଣି ରାଉତ, ମୁଖ୍ୟ ଶାସନ ସଚିବଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ମଦନମୋହନ ଘଡ଼େଇଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶ୍ରୀ ବେହେରାଙ୍କ କର୍ମମୟ ଜୀବନ, କାର୍ଯ୍ୟ ଦକ୍ଷତା, ବିଭିନ୍ନ ବିଭାଗ ସହ ସୁସମନ୍ୱୟ ରଖି କାର୍ଯ୍ୟ ସଂପାଦନା ଶୈଳୀ ସମସ୍ତଙ୍କୁ ପ୍ରଭାବିତ ଓ ଅନୁପ୍ରାଣିତ କରିଥିଲା ବୋଲି ପ୍ରକାଶ କରିବା ସହ ତାଙ୍କର ଅବସର ସୁଖମୟ ଜୀବନ କାମନା କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ଅବସରରେ ଶ୍ରୀ ବେହେରା କହିଥିଲେ ଯେ, ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ଭଳି ରାଜ୍ୟର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ତାଙ୍କ ପାଇଁ ଗୌରବର କଥା ଥିଲା। କାର୍ଯ୍ୟକାଳ ସମୟରେ ସମସ୍ତଙ୍କର ସ୍ନେହ, ସଦିଚ୍ଛା ଓ ଭଲପାଇବା ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ ଶ୍ରୀଯୁକ୍ତ ବେହେରାଙ୍କୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପ୍ରତିମୂର୍ତ୍ତୀ ସ୍ମାରକୀ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମଧ୍ୟ ଶ୍ରୀ ବେହେରାଙ୍କର ଅବସରକାଳୀନ ଜୀବନର ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଲୋକଭବନରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୭।୬ (ମହାଭାରତ):** ଭାରତର ଶକ୍ତି ଏହାର ସମୃଦ୍ଧ ବିବିଧତା ଏବଂ ସ୍ଥାୟୀ ଏକତାରେ ରହିଛି ଓ ଏଥି ପାଇଁ ନାଗରିକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ, ସଦଭାବ ଏବଂ ସାମୂହିକ ପ୍ରଗତିର ମୂଲ୍ୟବୋଧକୁ ବଜାୟ ରଖିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଲୋକଭବନର ନ୍ୟୁ ଅଭିଷେକ ହଲରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିବିଧ ସଂସ୍କୃତି, ପରମ୍ପରା ଏବଂ ଇତିହାସ ସତ୍ତ୍ୱେ ଭାରତର ସ୍ପନ୍ଦନଶୀଳ ସଂଘୀୟ ମନୋଭାବ ଏବଂ ଦେଶକୁ ଏକତ୍ର ବାନ୍ଧି ରଖିବାର ମୂଲ୍ୟବୋଧକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି। ଏହି ତିନୋଟି ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଭିନ୍ନ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ସତ୍ତ୍ୱେ ତେଲେଙ୍ଗାନା, ଗୋଆ ଏବଂ ସିକିମ ଦେଶର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ତେଲେଙ୍ଗାନାକୁ ଆକାଂକ୍ଷା,



ସ୍ଥିରତା ଏବଂ ଦ୍ରୁତ ପ୍ରଗତିର ପ୍ରତୀକ ଭାବରେ ବର୍ଣ୍ଣନା କରିବା ସହିତ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ନବସୃଜନ, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏହାର ସଫଳତା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ। ଗୋଆ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ପର୍ଯ୍ୟଟନ, ଶିକ୍ଷା ଏବଂ ଆର୍ଥିକ ବିକାଶରେ ଏହି ରାଜ୍ୟର ଅବଦାନ ସହିତ ଇତିହାସ, ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଅନନ୍ୟ ମିଶ୍ରଣ ଏହାକୁ ଜାତୀୟ ଦୃଶ୍ୟପଟରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି।ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଏବଂ ଜୈବିକ କୃଷି ପ୍ରତି ସିକିମର ପ୍ରତିବଦ୍ଧତା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଏହି ରାଜ୍ୟ ଏହାର ପରିବେଶ ଅନୁକୂଳ ପଦକ୍ଷେପ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି। ରାଷ୍ଟ୍ର ନିର୍ମାଣରେ ରାଜ୍ୟଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଦେଶର ପ୍ରଗତି ଏହାର ବିବିଧ ଅଂଚଳର ଅବଦାନ ଦ୍ୱାରା ଆକାର ପାଇଛି। ପ୍ରତ୍ୟେକ କ୍ଷେତ୍ର ଭାରତର ସାଂସ୍କୃତିକ ସମୃଦ୍ଧି ଏବଂ ବିକାଶ ଯାତ୍ରାରେ ଯୋଗଦାନ କରେ। ଯେତେବେଳେ ଆମେ ଏକ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ କରୁ, ଆମେ ଭାରତର ଏକ ଅଂଶକୁ ପାଳନ କରୁ ବୋଲି ରାଜ୍ୟପାଳ କହିଥିଲେ। 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସାଂସ୍କୃତିକ ପ୍ରଶଂସା, ଭାବପ୍ରବଣ ସଂଯୋଗ ଏବଂ ପରସ୍ପର ମଧ୍ୟରେ ଉତମ ସମ୍ପର୍କ ମାଧ୍ୟମରେ ଜାତୀୟ ସଂହତି ସୁଦୃଢ଼ ହୁଏ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ଦୀର୍ଘକାଳ ଧରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ସମନ୍ୱୟଶୀ ଏବଂ ସାର୍ବଜନୀନ ଭାଇଚାରାର ଏକ ଆଲୋକପଥ ଭାବରେ ଠିଆ ହୋଇଛି। ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଥିବା ତେଲେଙ୍ଗାନା, ଗୋଆ ଏବଂ ସିକିମର ଲୋକମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଅବଦାନ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ଜୀବନକୁ ରୁଦ୍ଧିମନ୍ତ କରିବା ସହ ଅର୍ଥନୀତିକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

# ମେଟ୍ରୋନ୍ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ

**ଭୁବନେଶ୍ୱର, ୭।୬ (ମହାଭାରତ):** ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମେଟ୍ରୋନ୍ ମହାସଂଘ ପକ୍ଷରୁ ୭ମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଜୟଦେବ ଭବନ, ଭୁବନେଶ୍ୱରଠାରେ ମହାସମାରୋହରେ ପାଳନ କରାଯାଇଛି। ଉକ୍ତ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ମାନ୍ୟବର ଜଗତସିଂହପୁର ସାଂସଦ ଶ୍ରୀଯୁକ୍ତ ବିଭୂପ୍ରସାଦ ତରାଇ ତାଙ୍କ ବକ୍ତବ୍ୟରେ କହିଲେ ରାଜ୍ୟ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିବା ୫୭ଜଣ ଅନୁସୂଚିତ ଜାତି ଓ ଜନଜାତି ବିଧାୟକ ଏବଂ ପାର୍ଲାମେ□ ସଦସ୍ୟ ୮ଜଣଙ୍କର ଦାବିଗୁଡ଼ିକର ଦସ୍ତଖତ ସହିତ ସଂଘର କର୍ମକ□ୀମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଖୁବ୍‌ଶୀଘ୍ର ଆଲୋଚନା କରିବେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନ୍‌ଜୀବୀ ଶ୍ରୀମତୀ ପ୍ରତିଭା ବର୍ମା ମହୋଦୟା, ମୁଖ୍ୟବକ୍ତା ଭାବେ ରାଜ୍ୟ ଆବାହକ ଦିଗମ୍ବର ଜେନା ପ୍ରମୁଖ ଯୋଗଦେଇ ମେଟ୍ରୋନ୍‌ମାନଙ୍କର ୭ଦଫା ଦାବି ସମ୍ବନ୍ଧେ ଆଲୋଚନା କରି



ସରକାର ଯଥାଶୀଘ୍ର ଦାବି ଗୁଡ଼ିକ ପୂରଣ କରିବା ନିମନ୍ତେ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରି କହିଲେ ଯେ, ମେଟ୍ରୋନ୍ ମାନଙ୍କୁ ରାଜ୍ୟ ସରକାର ୩୦ ଗୋଟି ଜିଲ୍ଲାରେ ପ୍ରାୟ ୩୦୦୦ ହଜାର ପଦବୀ ସୃଷ୍ଟି କରି ୨୦୧୪ ମସିହାଠାରୁ ନିଯୁକ୍ତି ଦେଇ ମାସିକ ୭୫୦୦ ଟଙ୍କା ଦରମା ଦେବାସହ ୨୪ ଘ□ା ଉପସ୍ଥିତ ରହିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଥିଲେ। ବଡ଼ ଦୁଃଖର ବିଷୟ, ୨୦୨୪ ମସିହାରେ ସରକାର ମାତ୍ର ୫୦୦୦ ଟଙ୍କା ବୃଦ୍ଧିକରି ମାସିକ ୧୫ ହଜାର ଟଙ୍କା ଦରମା ଦେଉଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ। ଯଥାଶୀଘ୍ର ସର୍ବନିମ୍ନ ମଜୁରୀ ହିସାବରେ ଦରମା ବୃଦ୍ଧି, ଚୁକ୍ତିଭି□ିକ କର୍ମଚାରୀଙ୍କ ପରି ମେଟ୍ରୋନ୍ ମାନଙ୍କୁ ଯଥାଶୀଘ୍ର ସ୍ଥାୟୀ ନିଯୁକ୍ତି ଦିଆଯାଉ। ଆପଏ□ମେ□ରେ ଥିବା ଅର୍ଡର ମୁତାବକ ଛାତ୍ରୀନିବାସର ସମସ୍ତ କାଗଜପତ୍ର ମେଟ୍ରୋନ୍‌ମାନଙ୍କୁ ହସ୍ତାନ୍ତର କରାଯାଇ ଇ.ପି.ଏଫ୍. କଟାଯାଉ। ସରକାରଙ୍କ ଦ୍ୱାରା ବର୍ଦ୍ଧିତ ସପ୍ତମ ବେତନ କମିଶନର ଅର୍ଥ ଲାଗୁ କରାଯାଉ। କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯାଉ। ମେଟ୍ରୋନ୍ ମାନଙ୍କର ହଷ୍ଟେଲ୍ ପରିସରରେ କ୍ୱାର୍ଟର ର ବ୍ୟବସ୍ଥା କରାଯାଉ। ହଠାତ୍ କୌଣସି ଆକସ୍ମିକ ଘଟଣା ପିଲାମାନଙ୍କର ଘଟିଲେ ତାଙ୍କୁ ଚାକିରୀରୁ ବହିଷ୍କାର କରାଯିବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ। ବିଳମ୍ବରେ ଚାକିରୀ ଦିଆଯାଇଥିବାରୁ ଚାକିରୀର ବୟସ ସୀମା ବୃଦ୍ଧି କରାଯାଉ। ମେଟ୍ରୋନ ମାନଙ୍କ ଯୋଗ୍ୟତା ଅନୁସାରେ ୧୦% ପଦୋନ୍ନତିର ବ୍ୟବସ୍ଥା କରାଯାଉ। ମେଟ୍ରୋନ୍ ସଂଘ ପକ୍ଷରୁ ରାନୁବାଳା ଢାଲି, ସାଧାରଣ ସମ୍ପାଦିକା ପ୍ରଭାତି ବେହେରା, ସମ୍ପାଦିକା ଅନୁପମା ବେହେରା, ସନ୍ଧ୍ୟାରାଣୀ ସାମନ୍ତରାୟ, ମଞ୍ଜୁ ଜିନୋଫା ଖାଲ୍‌କୋ, ଅନୁପମା ବେହେରା, ମଞ୍ଜୁଲତା ସେଠ୍, ସସ୍ମିତା ନାୟକ, ରଞ୍ଜୁଲତା ନାଏକ, ତରୁଲତା ନାୟକ, ସନ୍ତୋଷୀବାଳା ଗୌଡ଼, ଗୀତାଞ୍ଜଳି ତରାଇ, ମିନତୀ ଜେନା, ମିନତୀ ବଳିୟାରସିଂହ, ମୋହିନୀ ବେହେରା, ଚାରୁଲତା ଦେଇ, କୁସୁମତି ନାୟକ, ଲଳିତ କୁମାର ବେହେରା, ସରୋଜିନୀ ବେହେରା, ଚାନ୍ଦିନୀ ସାହୁ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।

# କୃଷକ ସଭାର ରାଜ୍ୟ ପରିଷଦ ବୈଠକ

**ଭୁବନେଶ୍ୱର, ୭।୬ (ମହାଭାରତ):** ଅଖିଳ ଭାରତ କୃଷକ ସଭା (ଏଆଇକେଏସ୍)ର ପରିବର୍ଦ୍ଧିତ ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଶନିବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇକେଏସ୍‌ର ସର୍ବ ଭାରତୀୟ ସଭାପତି କମ୍ରେଡ ରାଜନ କ୍ଷୀରସାଗର ଉଦ୍‌ବୋଧନ ଦେଇ ସ୍ୱାଧୀନ ଭାରତର କୃଷକ କୃଷି ପାଇଁ ଜମି, କୃଷି ପାଇଁ ଜଳସେଚନ, କୃଷି ଯନ୍ତ୍ରପାତିର ଶିଳ୍ପ ପ୍ରତିଷ୍ଠା, ଜୈବିକ ସାର, ପୋକମରା ଔଷଧ, କୃଷି ଉତ୍ପାଦନର ଲାଭ ଜନକ ଦର ଅଥବା ଆଇନଗତ ସର୍ବନିମ୍ନ ସହାୟକ ମୂଲ୍ୟ ଓ କୃଷି ଉତ୍ପାଦିତ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ, ପ୍ରକ୍ରିୟାକରଣ ଶିଳ୍ପ, ଶୀତଳ ଭଣ୍ଡାର, ପିଆଜ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ଇତ୍ୟାଦି ପାଇଁ ଦାବି ନେଇ ନିଜ ଜୀବନ ଓ ଜୀବିକାର ସୁରକ୍ଷାର ସଂଘର୍ଷ କରିଆସିଛନ୍ତି। ଐତିହାସିକ କୃଷକ ଆନ୍ଦୋଳନ ୨୦୨୦ ମସିହା ନଭେମ୍ବର ୨୬ରୁ ୨୦୨୧ ମସିହା ନଭେମ୍ବର ୧୯ ପର୍ଯ୍ୟନ୍ତ ଦିଲ୍ଲୀର ବିଭିନ୍ନ ସୀମାରେ ଚାଲିଥିବାବେଳେ ୭୦୦ରୁ ଊର୍ଦ୍ଧ୍ୱ କୃଷକ ଶହୀଦ ହୋଇଥିଲେ ମଧ୍ୟ ପଛକୁ ହଟି ନ ଥିଲେ ଏବଂ ଏକଛତ୍ରବାଦୀ ମୋଦି ସରକାର ତିନିଟି କଳା କୃଷି ଆଇନ ପ୍ରତ୍ୟାହାରବେଳେ ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ ପ୍ରଣୟନରେ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ଭରି ନାହାନ୍ତି। ଏହି ଘଡ଼ିସନ୍ଧି ମୂହୁର୍ତ୍ତରେ ଭାରତର ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି କରାଇ ଦେଶର ଜନଗଣଙ୍କୁ ଆମେରିକା ଉପନିବେଶବାଦୀ ଶାସନ ଓ ଶୋଷଣ ଭିତରକୁ ଠେଲି ଦେଇଛନ୍ତି। ଏହି ଉପନିବେଶବାଦୀ ଶାସନ ଓ ଶୋଷଣ ବିରୋଧରେ କୃଷକ ସମାଜ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କୃଷକ ସଂଘର୍ଷକୁ ଶାଣିତ କରିବାକୁ କମ୍ରେଡ଼ କ୍ଷୀରସାଗର ଆହ୍ୱାନ ଦେଇଥିଲେ।

ଏଆଇକେଏସର ରାଜ୍ୟ ସଭାପତି କମ୍ରେଡ ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକରେ ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ରାଉଲା ଭେଙ୍କାୟା ଉଦ୍‌ବୋଧନ ଦେଇ ବ୍ରିଟିଶ ଉପନିବେଶବାଦୀ ଶାସନାଧୀନ ଭାରତର ମୁକ୍ତି ସଂଘର୍ଷର ଅଗ୍ନି ଗର୍ଭରୁ ୧୧ ଏପ୍ରିଲ ୧୯୩୬ରେ ସହଜାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ପ୍ରତିଷ୍ଠା ଦିନଠାରୁ ଏ ପର୍ଯ୍ୟନ୍ତ ଦେଶର ଅର୍ଥନୀତିର ମେରୁଦଣ୍ଡ କୃଷି ଓ କୃଷକ ସମାଜର ବିକାଶ ପାଇଁ ସଂଘର୍ଷ ଅବ୍ୟାହତ ଥିବାବେଳେ କୃଷକ ସମାଜର ହକ୍ ଏବଂ ଅଧିକାର ପାଇଁ ସଂଘର୍ଷ କରୁଥିବା ବାମପନ୍ଥୀ ଆନ୍ଦୋଳନ ଓ ସଂସଦୀୟ ପ୍ରତିନିଧିତ୍ୱ ବୃଦ୍ଧି ଦ୍ୱାରା ହିଁ ସମ୍ଭବ ହେବ।

# ବେଦାନ୍ତ ପକ୍ଷରୁ ପରିବେଶ ଦିବସ

**ଭୁବନେଶ୍ୱର,୭।୬ (ମହାଭାରତ):** ଭାରତ ଓ ଆଫ୍ରିକାରେ ବିସ୍ତାରିତ କାର୍ଯ୍ୟକଳାପ ସହିତ ଏକ ଅଗ୍ରଣୀ ଲୌହ ସମ୍ପଦ କମ୍ପାନି ବେଦାନ୍ତ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ (ଭିଆଇଏସ୍ଏଲ୍) ବିଶ୍ୱ ପରିବେଶ ଦିବସ ଅବସରରେ ଏକ ନିମ୍ନ-କାର୍ବନ ଭବିଷ୍ୟତ ଗଠନ ପାଇଁ ତାହାର ପ୍ରତିବଦ୍ଧତାକୁ ପୁନର୍ବାର ନିଶ୍ଚିତ କରିଛି। କିପରି ଏକ ପାରମ୍ପରିକ ଖଣି ଓଧାତୁ ପ୍ରତିଷ୍ଠାନ ସ୍ଥାୟୀ ଅଭ୍ୟାସରେ ଏକ ଅଗ୍ରଣୀ ଭାବରେ ବିକଶିତ ହୋଇପାରିବ ତାହାକୁ ଏହା ପ୍ରଦର୍ଶିତ କରୁଛି। ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଅକ୍ଷୟ ଶକ୍ତି, ପରିସ୍ଥିତି ଭିତିକ ପୁନରୁଦ୍ଧାର ଓଅଭିନବ ପରିବହନ ମାଧ୍ୟମରେ କମ୍ପାନି ଦୀର୍ଘକାଳୀନ ପରିବେଶ ମୂଲ୍ୟ ପ୍ରଦାନ କରିବା ପାଇଁ ତାହାର କାର୍ଯ୍ୟକଳାପକୁ ପୁନଃ ରୂପଦେଉଛି। ଭିଆଇଏସଏଲ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ସ୍ଥାୟୀତ୍ୱ ପଦକ୍ଷେପଗୁଡ଼ିକ ଉପରେ ନିଜର ମତାମତ ବ୍ୟକ୍ତ କରି ଭିଆଇଏସଏଲର ସିଇଓ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, "ଏକ ସ୍ଥାୟୀ ଭବିଷ୍ୟତ ଆଡକୁ ପରିବର୍ତ୍ତନ ପାଇଁ ଶିଳ୍ପଗୁଡିକ କିପରି ସାମଗ୍ରୀ ପରିବହନ କରନ୍ତି, ଶକ୍ତି ବ୍ୟବହାର କରନ୍ତି ଏବଂ ପରିବେଶ ସହିତ କାର୍ଯ୍ୟ କରନ୍ତି ସେଥିରେ ଏକ ମୌଳିକ ପୁନର୍ବିଚାର ଆବଶ୍ୟକ। ଭିଆଇଏସଏଲରେ ଆମେ ସ୍ୱଚ୍ଛ ପରିବହନ, ଅକ୍ଷୟ ଶକ୍ତି, ଇଭିର ସମନ୍ୱୟ, ସମ୍ପଦ ଦକ୍ଷତା ଓ ପରିସ୍ଥିତି ଭିତିକ ପୁନରୁଦ୍ଧାର ମାଧ୍ୟମରେ ଏହି ରୂପାନ୍ତରକୁ ଆଗେଇ ନେଉଛୁ। ଆମର ମହତ୍ୱାକାଂକ୍ଷା ହେଉଛି ସ୍ଥାୟୀତ୍ୱ ହସ୍ତକ୍ଷେପଗୁଡ଼ିକର କେବଳ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପାଇଁ ଉପଯୋଗ କରିବା ନୁହେଁ, ବରଂ ଏକ 'ସବୁଜ' ଭବିଷ୍ୟତ ପାଇଁ ମଧ୍ୟ ଅଟେ।'' ଭିଆଇଏସଏଲର କାର୍ବନମୁକ୍ତ ଯାତ୍ରାର କେନ୍ଦ୍ରବିନ୍ଦୁରେ ରହିଛି ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟାର ଗ୍ରହଣୀୟତା। ବୈଦ୍ୟୁତିକ ଯାତ୍ରୀବାହୀ ଯାନ, ହୁଇଲ୍ ଲୋଡର୍ ଓ ଫୋର୍କଲିଫ୍ଟଗୁଡ଼ିକ ଏବେ ଏହାର କାର୍ଯ୍ୟକଳାପକୁ ଶକ୍ତି ପ୍ରଦାନ କରୁଛନ୍ତି ଯାହା ବାର୍ଷିକ ପ୍ରାୟ ୮୦୦ କିଲୋଲିଟର ଡିଜେଲ ସଂଚୟ କରୁଛି ଏବଂ ଗ୍ରିନହାଉସ ଗ୍ୟାସ ନିର୍ଗମନକୁ ଗୁରୁତ୍ୱପୂର୍ଣ୍ଣ ଭାବେ ହ୍ରାସ କରୁଛି।

# ଦେଶରେ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି : ବିଜେଡ଼ି

**ଭୁବନେଶ୍ୱର,୭।୬ (ମହାଭାରତ):** ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି। । ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି। ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ କ୍ଷୋଭ ପ୍ରକାଶ କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ନିଟ୍, ସିବିଏସ୍ଇ ପରୀକ୍ଷାରେ ବିଭାଟ ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାରକୁ କଡ଼ା ସମାଲୋଚନା କରିଥିଲେ। ଶ୍ରୀମତୀ ସୁଲତା ଦେଓ କହିଥିଲେ ଯେ, ବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେଲା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଥିବା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଥମେ ଅସ୍ୱୀକାର କଲେ ଓ ପରେ ମାନିଲେ ଯେ, କିଛି ରାଜ୍ୟରେ ପେପର ଲିକ୍ ହୋଇଛି। ଚଳିତ ବର୍ଷ ନିଟ୍, ସିବିଏସ୍ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ରହିଥିବା ବେଳେ କେତେକ ପିଲା ଆତ୍ମହତ୍ୟା କରିସାରିଲେଣି। ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉତ୍ତରଦାୟିତ୍ୱ ରହିଥିଲେ ମଧ୍ୟ ସେ ଏହି ପ୍ରସଙ୍ଗରେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେବାରେ ବିଫଳ ହୋଇଛନ୍ତି।

ଶ୍ରୀମତୀ ଦେଓ ଆହୁରି କହିଥିଲେ, ସୋସିଆଲ ମିଡିଆରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ଅଭିଯୋଗ ପ୍ରଚାରିତ ହେଉଛି। ଏହି ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀଙ୍କ ଧର୍ମପତ୍ନୀ ଶ୍ରୀମତୀ ମୃଦୁଳା ପ୍ରଧାନଙ୍କ ନାମ ଜଡିତ ଥିବାରୁ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବିଜୁ ନବୀନ ଇନ୍ସପିରେସନାଲ ଟ୍ରଷ୍ଟ ବିଷୟରେ ବିଭିନ୍ନ ସମୟରେ ଯେପରି ପ୍ରଶ୍ନ ଉଠିଥିଲା ଆମେ ସେଥିରେ ସ୍ୱଷ୍ଟତା ଦେଇଥିଲୁ, ସେହିପରି ଧର୍ମେନ୍ଦ୍ର ବାବୁ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କର କିମ୍ବା ତାଙ୍କ ପରିବାରର କି ପ୍ରକାର ସମ୍ପର୍କ ରହିଛି ତାହା ସ୍ପଷ୍ଟ କରନ୍ତୁ। ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବିକଶତି ଭାରତର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିଲା ଭାରତୀୟ ଜନତା ପାର୍ଟି। କିନ୍ତୁ ନିଟ୍, ସିବିଏସଇ ଏବଂ ସିୟୁଇଟି ଭଳି ଜାତୀୟ ସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି। ଗୋଟିଏ ପରୀକ୍ଷାକୁ ସଠିକ ରୂପରେ ପରିଚାଳନା କରିବା ପାଇଁ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦକ୍ଷତା ନାହିଁ। ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ଏହାର ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ। ବିଭିନ୍ନ ଗଣମାଧ୍ୟମ ଏବଂ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପରୀକ୍ଷା ପରିଚାଳନାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି। ଏହି ପରିସ୍ଥିତିରେ ଧର୍ମେନ୍ଦ୍ର ପ୍ରଧାନଙ୍କ ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଯେତେବେଳେ ଲକ୍ଷ ଲକ୍ଷ ଯୁବପିଢ଼ିଙ୍କ ଭବିଷ୍ୟତ ସମ୍ପର୍କିତ ପ୍ରସଙ୍ଗ ଆସୁଛି, ସେତେବେଳେ ସମ୍ପୃକ୍ତ ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦେବା ନୈତିକ ଓ ପ୍ରଶାସନିକ ଦାୟିତ୍ୱ ଅଟେ। ଡ଼ ମହାନ୍ତି ଆହୁରି କହିଥିଲେ, ଆମେରିକାର ମେଲୋରସ୍ ସହରରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଝିଅ ଯେଉଁ ଘରେ ରହି ତାଙ୍କ ଏଲ୍‌ଏଲ୍‌ଏମ୍ ଶିକ୍ଷା ଗ୍ରହଣ କରୁଥିଲେ, ସେଠାରେ ତାଙ୍କୁ ଯେଉଁମାନେ ଭେଟୁଥିଲେ ସେହି ମାନଙ୍କ ଭିତରୁ କିଛି ଲୋକଙ୍କ ଶିକ୍ଷାଜନିତ ବ୍ୟବସାୟ ଅଛି କି ନାହିଁ ଏବଂ କମ୍ପ୍ୟୁଟେକ୍, ଏଡୁଟେକ୍ ସଂସ୍ଥାର ନିର୍ଦ୍ଦେଶକ ରାଧାକ୍ରିଷ୍ଣ ଜୟରମଣଙ୍କୁ ଆମେରିକାରେ ତାଙ୍କ ଝିଅଙ୍କ ସ୍ଥାନୀୟ ଅଭିଭାବକ ଭାବେ ଦର୍ଶାଯାଇଛି କି ନାହିଁ ତାହା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରନ୍ତୁ।

# ରାଜନୀତିର ଅପରାଧିକରଣ

ରାଜନୀତିର ଅପରାଧିକରଣ ଏବଂ ଦୁର୍ନୀତି ବା କଳା ଟଙ୍କାର ପ୍ରଭାବ ସତୁରୀ ଦଶକରେ ଅତି ଉତ୍କଟ ହୋଇଥିଲା। ପରେ ପରେ ଏହା ରାଜନୀତିରେ ମାମୁଲି ଘଟଣା ହୋଇଗଲା। ଅଶୀ ଦଶକରେ ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ ଦଳବଦଳରେ ଲଗାମ ଲଗାଇବା ପାଇଁ ଏକ ଆଇନ ପ୍ରଣୀତ ହେଲା। ଏହା ନିର୍ବାଚିତ ଜନପ୍ରତିଧିଙ୍କ ଦଳବଦଳରେ କିଛିଟା ରୋକ ଲଗାଇଲା। ପୂର୍ବରୁ ଏଭଳି ଅନେକ ଉଦାହରଣ ରହିଛି, ନିର୍ବାଚନରେ ଜିତିବାର ଦିନକ ପରେ ଜଣେ ସାଂସଦ ବା ବିଧାୟକ ଅନ୍ୟ ଦଳକୁ ଅନାୟସରେ ଚାଲିଯାଆନ୍ତି। ଯେଉଁ ଦଳ ସଂଖ୍ୟାଗରିଷ୍ଠତାର ନିକଟତର ହୋଇଥାଏ, ସେହିଦଳ ମ୍ୟାଜିକ ନମ୍ବର ପାଇଁ ପ୍ରତିପକ୍ଷ ଦଳର ପ୍ରତିନିଧିଙ୍କୁ ଅର୍ଥ ଓ କ୍ଷମତା ଲୋଭ ଦେଖାଇ କିଣି ନିଅନ୍ତି। ଅତୀତରେ ଅନେକ ଥର ଏଭଳି ଘଟଣାା ଦେଖିବାକୁ ମିଳିଛି। ହରିୟାନାରେ ଏହା ଏକ ବହୁ ଚର୍ଚ୍ଚିତ ପ୍ରସଙ୍ଗ। ଦଳବଦଳ ମାଧ୍ୟମରେ ଭଜନ ଲାଲ କିପରି ମୁଖ୍ୟମନ୍ତ୍ରୀ ହେଲେ ତାହା ଇତିହାସ ପୃଷ୍ଠାରେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ଟି ରାମାରାଓ ବିଦେଶ ଗସ୍ତରେ ଯାଇଥିବା ବେଳେ କିପରି ତାଙ୍କ ସରକାରକୁ ଭାଙ୍ଗି କଂଗ୍ରେସ ଏକ ବିଦ୍ରୋହୀ ନେତାଙ୍କୁ ଆଣି ମୁଖ୍ୟମନ୍ତ୍ରୀ କଲା ଏବଂ ପରେ ଏହାର ପତନ ହେଲା ତାହା କେହି ଭୁଲିନଥିବେ। ଓଡ଼ିଶାରେ ମଧ୍ୟ ଦଳବଦଳର କଳଙ୍କିତ ଇତିହାସ ରହିଛି। ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାର ଏଠାରେ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଛି। ସବୁ ଦଳ ଏଥିରେ ଜଡ଼ିତ। ସବୁ ଦଳରେ ଘୋଡ଼ାମାନେ ଅଛନ୍ତି। ସେମାନଙ୍କୁ କିଣିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି। ଗତ ରାଜ୍ୟସଭା ନିର୍ବାଚନରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଘୋଡ଼ାବେପାର ମଧ୍ୟରେ ଦିଲ୍ଲୀପ ରାୟ ରାଜ୍ୟସଭା ନିର୍ବାଚନ ଜିତିଲେ। ଏହା ହେଉଛି ଉପରକୁ ଦେଖାଯାଉଥିବା ଘୋଡ଼ାବେପାର। କିନ୍ତୁ ଧର୍ମକୁ ଆଖିଠାର ମାରି ଦଳବଦଳ ନିୟମକୁ ଖତଗଦାରେ ଫିଙ୍ଗି ନେତାମାନେ ନିଜ ସ୍ୱାର୍ଥ ପାଇଁ ଅନ୍ୟ ଦଳକୁ ଚାଲିଯିବାର ଅନେକ ନଜିର ରହିଛି। ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା ରାଜ୍ୟସଭା ସଦସ୍ୟ ଦେବାଶୀଷ ସାମନ୍ତରାୟ ସଂସଦରୁ ଇସ୍ତଫା ଦେଇଛନ୍ତି। ନୈତିକତା ଦୃଷ୍ଟିରୁ ସେ ରାଜ୍ୟସଭାରୁ ଇସ୍ତଫା ଦେଇ ନାହାଁନ୍ତି। ଦଳବଦଳ ଆଇନକୁ ଅକାମୀ କରିବା ଲାଗି ସେ ଚତୁରତାର ସହ ଏପରି କରିଛନ୍ତି। ଯଦି ସେ ରାଜ୍ୟସଭାରୁ ଇସ୍ତଫା ଦେଇନଥାନ୍ତେ ତେବେ ଦଳବଦଳ ଅଧିନିୟମ ଆଧାରରେ ତାଙ୍କର ସଭ୍ୟପଦ ଆପେ କଟିଥାଆନ୍ତା। ଏହାକୁ ଏଡ଼ାଇବାକୁ ସେ ରାଜ୍ୟସଭାରୁ ଇସ୍ତଫା ଦେଲେ। ଏବେ ତାଙ୍କ ସ୍ଥାନରେ ଉପନିର୍ବାଚନ ହେବ। ସେହି ନିର୍ବାଚନରେ ଦେବାଶୀଷ ସାମନ୍ତରାୟ ବିଜେପି ପ୍ରାର୍ଥୀ ହେବେ। ରାଜ୍ୟ ବିଧାନସଭାରେ ବିଭିନ୍ନ ଦଳର ସଭ୍ୟ ସଂଖ୍ୟା ଯାହା ସେଥିରେ ଏକମାତ୍ର ଆସନରେ ଉପନିର୍ବାଚନ ହେଲେ ସେଥିରେ ବିଜେପି ହିଁ ଜିତିବ। ଅର୍ଥାତ ବାଡ଼ି ଭାଙ୍ଗିବନି କି ସାପ ମରିବନି ନୀତିରେ ଦେବାଶୀଷ ସାମନ୍ତରାୟ ଦଳବଦଳ କରିବେ, ତାଙ୍କ ରାଜ୍ୟସଭା ସଦସ୍ୟତା ମଧ୍ୟ ବଜାୟ ରହିବ। ଏହାକୁ କହନ୍ତି ଅନୈତିକ ରାଜନୀତିର ନମୂନା। ପୂର୍ବରୁ ମଧ୍ୟ ବିଜେଡିର ଦୁଇ ଜଣ ସଦସ୍ୟ ଏହି ନୀତିରେ ଦଳବଦଳ କରିଛନ୍ତି। ସୁଜିତ କୁମାର ଓ ମମତା ମହାନ୍ତ ଏହି କୌଶଳରେ ବିଜେପିକୁ ଯାଇଛନ୍ତି। ଏବେ ଦେବାଶୀଷ ସମାନ ରଣନୀତି ଆପଣାଇଲେ। ଏହା ଫଳରେ ରାଜ୍ୟସଭାରେ ବିଜେପିର ସଂଖ୍ୟା ବୃଦ୍ଧି ହେବ ଏବଂ ଆଗକୁ ଏହା ଦଳ ପାଇଁ ବଡ଼ ସଫଳତାର କାରଣ ହୋଇପାରେ। ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ ରାଜ୍ୟସଭାରେ ଗୃହୀତ ହେବାରେ ଆଉ କିଛି ଅସୁବିଧା ରହିବ ନାହିଁ। ଦେବାଶୀଷଙ୍କ ଦଳ ବଦଳ ବିଜେଡି ପାଇଁ ନିହାତି ବଡ଼ କ୍ଷତି ନୁହେଁ।

# ସ୍ୱରୂପ ହରାଉଛି ଶିଷ୍ଟାଚାର

॥ ନିରୁପମା ଭୂୟାଁ ॥

*କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ ।*

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି । ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି । ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର । ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ । ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି । ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ । ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ ।

ଦେବ ପରମ୍ପରା ପ୍ରତୀକ : ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା । ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ । ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଉର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର । ଭାରତର ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍ । ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ । ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ । ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉନଥିଲା ।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି । ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି । କାରଣଟି ଯେତିକି ବିଷମ ସେତିକି ପରିତାପକର । ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ । ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି । କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ । ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି । ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ ।

କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ । ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅର୍ବଚୀନ ତଥା ଅସଂଗତ ମନେ ହେଉଛି । ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି । କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି । ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ । କିନ୍ତୁ ଆମେ ତାହା ହିଁ କରୁଛେ ।

ପ୍ରଣାମର ପ୍ରାଣହାନି : ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ । ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ଷାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି । ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା । ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ ଥିଲା । ଷାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା । ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା । କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି । ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ । ଅନେକେ ଏହାକୁ ଅସଙ୍ଗତ ବୋଲି ମଧ ମନେ କରୁଛନ୍ତି । ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି । ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି । ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା । ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ ଦେଇ ଗତି କରୁଛି । ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ । କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି । କିନ୍ତୁ କେତେଦିନ ଏମିତି ନିଜ ଇଚ୍ଛାରେ ଚାଲୁଥିବ ମଣିଷ । ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ । ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ । ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ - ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ନାରୀର ସମ୍ମାନ ଓ ସୁରକ୍ଷା ଆମର ମୌଳିକ କର୍ତବ୍ୟ

॥ ମୌଲାନା ଫଜଲ ହକ ଖାନ ॥

ବର୍ତମାନ ଆମ ପ୍ରଗତିଶୀଳ ସମାଜରେ ନାରୀର ଅବସ୍ଥା କାହା ପାଖେ ଲୁଚି ରହି ନାହିଁ । ଦୁଃଖର କଥା ଯେ ପାଶ୍ଚାତ୍ୟ ଜଗତର ଶିକ୍ଷା ଓ ସଂସ୍କୃତିକୁ ବୁଝିବାକୁ ଯାଇ,ଏବେ ଆମେ ସେହି ଜଗତର ମର୍ଯ୍ୟାଦାହୀନ ଓ ଅପମାନଜନକ ସଂସ୍କୃତିର ବଶବର୍ତୀ ହୋଇ ଯାଇଛେ । ଯେଉଁଠି ନାରୀକୁ କମ ବସ୍ତ୍ରରେ ଦେଖିବା ଓ ଦେଖାଇବା ବେଶ ସମ୍ମାନଜନକ ମନେ କରାଯାଉଛି ।

ସେହି ବିକୃତ ସଂସ୍କାରକୁ ଆଜି ଆମେ ଆପେଣାଇ ନେଇଛେ । ଫଳ ସ୍ୱରୂପ ଆମେ ଦୈନ୍ୟଦିନ ଖବର କାଗଜ ଓ ନ୍ୟୁଜ ଚାନେଲମାନଙ୍କରେ ନାରୀ ଧର୍ଷଣ,ବଳତ୍କାର,ଅସଦ୍‌ଆଚରଣ,ନିର୍ଜାତନା ଓ ବଧୁ ହତ୍ୟାର ଦୁଃଖଦ ଓ ମର୍ମାହତର ବାସ୍ତବିକତା ଦେଖିପାରୁଛେ । ଏଥି ପାଇଁ ସରକାର ଓ ନ୍ୟାୟାଧିଶ କଡାକଡି ଭାବେ ନିୟମ କାନୁନ ଲାଗୁ କରିଛନ୍ତି । କିନ୍ତୁ ନାରୀର ଅବସ୍ଥାରେ କୌଣସି ସୁଧାର ନାହିଁ । ସୁଧାର ଆସିବ କିପରି ?

ନିଶ୍ଚିତରେ ଆଜି ଆମେ ସତ୍‌ମାର୍ଗକୁ ଭୁଲି ଯାଇ, ସଟକଟ ମାର୍ଗକୁ ଆପଣାଇ ନେଇଛେ । ଭଲ ଜିନିଷ ଛାଡି ଭୁଲ ଜିନିଷକୁ ପସନ୍ଦ କରିନେଇଛେ । ଦୈନ୍ୟଦିନରେ ଆମେ ଜାଣିଛେ,କୌଣସି ଉତମ ଓ ମୂଲ୍ୟବାନ ବସ୍ତୁକୁ ସର୍ବଦା ଲୁଚାଇ ରଖା ଯାଇଥାଏ । ଏଥିରେ ତାର ସମ୍ମାନ ଓ ସୁରକ୍ଷା ରହିଥାଏ । କେହି ତାକୁ ଚୋରି ମଧ କରି ପାରିନଥାନ୍ତି । ନଚେତ୍ ତାର ଚୋରି ହେବାର ଅଧିକ ଆଶଂକା ରହିଥାଏ । ଠିକ ସେହିପରି ଯଦି ଆମେ ନାରୀର ମହାନତଦା, ଉତମତା ଓ ଅମୂଲ୍ୟତାକୁ ବୁଝିପାରନ୍ତେ ତା'ହେଲେ ନାରୀ ଜାତିର ବେଶ ସୁରକ୍ଷା ହୋଇପାରନ୍ତା । ଯେପରି ପବିତ୍ର କୁରଆନ ନାରୀର ସମ୍ମାନ ଓ ମହାନତା ବିଷୟରେ ଏ ଉତମବାଣୀ ଦେଇ କହିଥାଏ ଯେ, ଆମେ ତୁମକୁ ପୁରୁଷ ଓ ସ୍ତ୍ରୀ ଦୁଇଗୋଟି ଜାତି ରୂପେ ସୃଷ୍ଟି କରିଅଛୁ । ବାସ୍ତବରେ ପ୍ରକୃତ ମୁସଲମାନ ଏବଂ ବିଶ୍ୱାସକାରିଣୀ, ଆଜ୍ଞାପାଳନକାରିଣୀ, ସତ୍ୟବାଦିନୀ, ଧୈର୍ଯ୍ୟଶୀଳା, ବିନୟ ପ୍ରଦର୍ଶନକାରିଣୀ, ଦାନ କରୁଥିବା ନାରୀ, ରୋଜା ରଖୁଥିବା ନାରୀ, ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କରୁଥିବା ନାରୀଙ୍କ ସକାଶେ ଅଲ୍ଲାଃଙ୍କର କ୍ଷମା ଓ ବୈକୁଣ୍ଠର ମହାନ ପୁରସ୍କାର ରଖାଯାଇଅଛି । ପୁଣି କୁହାଯାଇଛି, ହେ ବିଶ୍ୱାସକାରୀମାନେ ତୁମେ ନିଜ ପତ୍ନୀ ଓ କନ୍ୟାମାନଙ୍କୁ କହିଦିଅ; ଯେ ସେମାନେ ନିଜର ବଡ ଚାଦର(ଓଢଣୀ)କୁ ମୁଣ୍ଡ ଉପର ଦେଇ ବକ୍ଷସ୍ଥଳ ପର୍ଯ୍ୟନ୍ତ ଘୋଡାଇ ରଖିବେ; ଏପରି କରିବା ଫଳରେ ସେମାନଙ୍କୁ ଚିହ୍ନି ହେବ ଓ ସେମାନଙ୍କୁ କେହି ଇଙ୍ଗିତ କରିପାରିବେ ନାହିଁ । ଏତଦ୍ ଦ୍ୱାରା ନାରୀର ସମ୍ମାନ ବଜାୟ ରହିବା ସହ ତାର ସୁରକ୍ଷା ମଧ ହୋଇଥାଏ ।

ଆମକୁ ଜାଣିବାକୁ ହେବ ଯେ ନାରୀ ସମାଜରେ ଜଣେ ମାଁ ହୋଇଥାଏ । ପବିତ୍ର କୁରଆନ କହିଥାଏ; ମାଁର ସମ୍ମାନ ଓ ସେବା କରିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ହୋଇଥାଏ । ନାରୀ ଜଣେ ସହଧର୍ମିଣୀ ହୋଇଥାଏ, ଯାହାର ଉଚିତ୍ ସମ୍ମାନ ଓ ସଦବ୍ୟବହାର କରିବା ଦ୍ୱାରା ସେ ଘରକୁ ଏକ ସ୍ୱର୍ଗ ପରି ଗଢିତୋଳିଥାଏ ଏବଂ ସନ୍ତାନର ଉତମ ମାଁଟିଏ ବି ବନିପାରିଥାଏ । ସେ ପାଳନକର୍ତାଙ୍କ ଭଳି ଆମ ପରିବାରକୁ ଏକ ସୂତରେ ବାନ୍ଧି ଏକତାବଦ୍ଧ କରିପାରିଥାଏ । ନାରୀ ଜଣେ ଭଗ୍ନି ହୋଇଥାଏ, ଯାହା ଏକ ଭାଇ ପାଇଁ ଗୌରବ ହୋଇଥାଏ । ଭାଇ ତାର ସୁରକ୍ଷା ପାଇଁ ସଦାସର୍ବଦା ବାପ ପରି ତାର କର୍ତବ୍ୟରେ ସଂକଳ୍ପବଦ୍ଧ ହୋଇଥାଏ । ନାରୀ ଜଣେ କନ୍ୟା ସନ୍ତାନ ହୋଇଥାଏ । ଯାହାର ଲାଳନ ପାଳନ, ସୁଶିକ୍ଷା ଓ ଆଦର୍ଶବାନ ଗଢିବା ଦ୍ୱାରା ବାପ ମାଁଙ୍କୁ ସ୍ୱର୍ଗ ପାପ୍ତି ହୋଇଥାଏ । ମହାମାନ୍ୟ ମୁହମ୍ମଦ କହିଛନ୍ତି ପ୍ରତ୍ୟେକ ବାଳକ ଓ ବାଳିକା ପାଇଁ ଶିକ୍ଷା ହାସଲ କରିବା ନିହାତି ଆବଶ୍ୟକ। ସ୍ତ୍ରୀର ମୁହଁରେ ମୁଠାଏ ଖାଦ୍ୟ ଖୁଆଇ ଦେବା ବି ଏକ ପୁଣ୍ୟ କର୍ମ ।

ଆଜିର ଦିନରେ ନାରୀ ଜଣେ ମାହମହିମ ରାଷ୍ଟ୍ରପତି ହୋଇପାରୁଛି । ଜଣେ ପ୍ରଧାନ ମନ୍ତ୍ରୀ ହୋଇ ପାରୁଛି । ଜଣେ ମୁଖ୍ୟ ମନ୍ତ୍ରୀ ଆସନରେ ବସିପାରୁଛି । ତଥା ଏମ.ପି, ଏମ.ଏଲ.ଏ, ମେୟର, କର୍ପୋରେଟର ଓ ସରପଂଚ ବି ହୋଇପାରୁଛି । ଦେଶ ମାତୃକାର ସେବାରେ ପୁରୁଷ ଭଳି ବଳିଷ୍ଠ ସେନାବାହିନୀରେ ସାମିଲ ହୋଇ କର୍ତବ୍ୟ ପରାୟଣାର ପ୍ରମାଣ ଦେଇପାରୁଛି । ନାରୀ ଆଜି ସ୍ୱାସ୍ଥ୍ୟ କ୍ଷେତ୍ରରେ ଡ଼ାକ୍ତରଆଣୀ, ଶିକ୍ଷା କ୍ଷେତ୍ରରେ ଶିକ୍ଷୟତ୍ରୀ, ଉଦ୍ୟୋଗ କ୍ଷେତ୍ରରେ ଉଦ୍ୟୋଗପତି, ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ, ଧର୍ମ ଓ ବିଶ୍ୱାସ କ୍ଷେତ୍ରରେ ସେ ମା-ମାତା ଏବଂ ଦେବିମାତା ଭାବେ ସମାଜରେ ନିଜର ଭଲ ଚିତ୍ର ଓ ଚରିତ୍ର ଗଢିବାରେ ପ୍ରୟାସ କରି ଆସୁଛି । ଏପରି କି ଶିରିନ ଇବାଦୀ (୨୦୦୩), ମଲାଲା ୟୁସୁଫଜାଇ (୨୦୧୪), ନାଦିଆ ମୁରାଦ(୨୦୧୮) ଏବଂ ମାରିଆ ରେସା (୨୦୨୧) ଭଳି ନାରୀ ବିଶ୍ୱର ସର୍ବଶ୍ରେଷ୍ଠ ନୋବେଲ ପୁରସ୍କାର ପାଇବାରେ ପଛ ଘୁଂଚା ଦେଇନାହିଁ । କିନ୍ତୁ ଆମେ ନାରୀ ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ ଏବେ ବି ଏତେ ଅବହେଳା କାହିଁକି ? ତାଙ୍କ ପ୍ରତି ଏପରି ଅନ୍ୟାୟ ଓ ଅନାଦର ମନଭାବ କାହିଁକି ? କାରଣ ଆଜି ଆମେ ଧର୍ମକୁ ଛାଡି ଅଧର୍ମେ ଗତି କରୁଛେ । 'ଧର୍ମ ଏକା ସିନା ମହତ ପଣିଆ - ଆଉ ସବୁ କିଛି ଅଢେଇ ଦିନିଆ'ର ମୂଳ ମର୍ମକୁ ଭୁଲିଯାଇଛେ । ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭଲ ଓ ଭୁଲର ବିଚାର କରୁ ନାହେଁ । ଅନ୍ୟାୟ ଓ ପାପର ଭାର ଧରାପୃଷ୍ଟରେ ଅଧିକ ହେବାରେ ଲାଗିଲାଣି । ସେଇଥି ପାଇଁ ସଂସାରରେ ଏସବୁ ବିପ୍ରାପ୍ତର ସୂତ୍ରପାତ ହେଉଛି । ଆସନ୍ତୁ ଆମେ ଏକ ମନ ଏକ ପ୍ରାଣ ହୋଇ ନାରୀ ଶକ୍ତିକୁ ଉଜାଗର କରିବା । ତାକୁ ତା'ର ଉଚିତ୍ ସମ୍ମାନର ବସ୍ତ୍ର ପିନ୍ଧାଇ ତା'ର ସୁରକ୍ଷା କରିବା । ତାକୁ ସୁରକ୍ଷିତ ରଖିବା ଓ ସୁରକ୍ଷା ଦେବା ଆମର ମୌଳିକ କର୍ତବ୍ୟ ହେବା ଉଚିତ୍ ।

ୟୁନିଟ-୪ ଭୁବନେଶ୍ୱର
୯୬୯୨୨୨୫୦୫୭

# ହସନ୍ତୁ ଓ ହସାନ୍ତୁ

॥ ବିପିନ ବିହାରୀ ରାଉତ ॥

ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀ ମାନେ ସଂସାରର ସବୁଠାରୁ ବଡ଼ ମହୌଷଧି ବୋଲି ବିବେଚନା କରି ଆସୁଛନ୍ତି। ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିରବ ଭାବାବେଗ ବିନିମୟ କରିପାରିଥାଏ। ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ। ତେଣୁ ଭାଷା ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଆସିଛି। ଚିକିତ୍ସାବିଜ୍ଞାନୀଙ୍କ ମତରେ ଜଣେ ମଣିଷ କଥାବାର୍ତ୍ତା କଲାବେଳେ ପ୍ରତି ଦଶ ମିନିଟରେ ସାତଥର ହସିଥାଏ। ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ। ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ। ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତୁଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତିଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ।

ହସ କିପରି ଅପରିଚିତ ଲୋକଙ୍କ ନିକଟରେ କରାଇଥାଏ ତାହା ବଖାଣିଛନ୍ତି ଦିଶା ସୌଟର ଏବଂ ଫ୍ରାଙ୍କ ଆଇଜନର ନାମକ ଦୁଇଜଣ ଗବେଷକ। ସେମାନଙ୍କ ମତରେ ସେମାନେ ଯେତେବେଳେ ନାମିବ୍ୟାର ହିମବା ସଂପ୍ରଦାୟର ଲୋକମାନଙ୍କ ସହ ଭାବ ବିନିମୟ କରିବାକୁ ଚାହିଁଲେ ଏହି ଆଦିମ ଜନଜାତିର ଲୋକମାନେ ମୁହଁରେ ହସ ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରତିଥର ଭାବ ବିନିମୟ ବେଳେ ତାହା ହିଁ ଘଟିଥିଲା। ତେଣୁ ହସ ହେଉଛି ମଣିଷ ମନର ନୀରବ ପରିଭାଷା।

ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଚ୍ଛା କରି କିଛି ସମୟ ହସିବା ଆବଶ୍ୟକ। ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ। ତେଣୁ ଦେଶ ବିଦେଶରେ କିଛି ବର୍ଷ ଧରି ହସ କ୍ଲବମାନ ଗଠନ କରାଯାଇଛି। ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି। ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ



ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି। ହସୁଥିବା ବ୍ୟକ୍ତିକୁ ସଭିଏଁ ସୁଖୀ ବୋଲି କହନ୍ତି। କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ। ଜଣେ ଦାର୍ଶନିକ ଜଣେ ବାଇଆକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି କେଡ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି। ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସଂପଦ। କେହି ଭାବଗମ୍ଭୀର ମୁଦ୍ରାରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି କରିଛୁ କାହିଁକି ? କଣ ଲକ୍ଷେ କି କୋଟିଏ ହରେଇଛୁ ? ମୁହଁରେ ହସକୁ ଜାଣି ଶୁଣି ଲୁଚାଇ ରଖୁଥିବା ବ୍ୟକ୍ତି ସତରେ ହତଭାଗା। କାରଣ ସଂସାରର ଶ୍ରେଷ୍ଠ ସଂପଦକୁ ସେ ହାତରେ ପାଇ ବି ଉପଭୋଗ କରିପାରୁନାହିଁ। ଭାରତରେ ହାସ୍ୟକୁ ଏକ ରସ ବୋଲି କୁହାଯାଇଛି। ଏ ରସ ପ୍ରକୃତରେ ଅମୃତ। ଏକଥା ଆମେ କହୁନାହୁଁ। ଏବେ କହୁଛନ୍ତି ଆଧୁନିକ ଓ ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନୀ। ସେମାନଙ୍କ ପରାମର୍ଶ ହସନ୍ତୁ ଓ ଅନ୍ୟକୁ ହସାନ୍ତୁ।

ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

## ଠିକାଦାରୀ କାମରୁ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ

ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତରେ ଠିକାଦାରୀ କାମରୁ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଛି ।ଗଣ୍ଡଗୋଳ ଏମିତି ହୋଇଛି ଯେ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ କନ୍ତାମିଲା ପଞ୍ଚାୟତର ଏଡିଓ ଯୁଧିଷ୍ଠିର ଦେହୁରୀ ଗତକାଲି ମଧ୍ୟାହ୍ନ ସମୟରେ ପଞ୍ଚାୟତକୁ ଆସିବା ବେଳେ ଜଣେ ଅଚିହ୍ନା ବ୍ୟକ୍ତି ଯୁଧିଷ୍ଠିରଙ୍କୁ ମାଡ଼ ମାରିବା ନେଇ ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି ।ଯୁଧିଷ୍ଠିରଙ୍କୁ ମାଡ଼ ମାରିବା ସମୟରେ ଗ୍ରାମର ମନୋରଞ୍ଜନ ଅମାନ୍ତ ତାଙ୍କୁ ନିଜର କାର୍ଯ୍ୟ କରିଥିବା ଟଙ୍କା ମାଗିଥିଲେ । ତେବେ ସେହି ସମୟରେ ତାଙ୍କ ପାଖରେ ଥିବା ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ କରିଛନ୍ତି ଯୁଧିଷ୍ଠିର ।ଅପର ପକ୍ଷରେ ଅନେକ ଦିନ ହେବ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀଙ୍କ ସହ ମିଶି କାମ କରିବା ପରେ ଟଙ୍କା ପାଇନଥିଲେ ମନୋରଞ୍ଜନ । ବାରମ୍ବାର କାର୍ଯ୍ୟ କରିଥିବା ଟଙ୍କା ମାଗିବାକୁ ପଞ୍ଚାୟତକୁ ଦୌଡ଼ିବା ପରେ ପଞ୍ଚାୟତ ଏଡିଓ ଯୁଧିଷ୍ଠିର ତାଙ୍କ ଫୋନ୍ ମଧ୍ୟ ଉଠାଇ ନଥିଲେ ।ନିଜ ଗ୍ରାମ ନିକଟରେ ମନୋରଞ୍ଜନ ଥିବା ବେଳେ ସେହି ରାସ୍ତାରେ ଏଡିଓ ଯାଉଥିବାର ସେ ଦେଖିବାକୁ ପାଇଥିଲେ ।ତେବେ ତାଙ୍କୁ ଅଟକାଇ କାହିଁକି କାର୍ଯ୍ୟର ଟଙ୍କା ଦିଆଯାଇନାହିଁ ବୋଲି ପଚାରିବା ସମୟରେ ଅନ୍ୟଜଣେ ବ୍ୟକ୍ତି ସେଠାକୁ ଆସି ଯୁଧିଷ୍ଠିରଙ୍କୁ ଆକ୍ରମଣ କରିଥିବା କହିଛନ୍ତି ମନୋରଞ୍ଜନ ।ତେବେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ସେ ଜାଣିନାହାନ୍ତି ବୋଲି ମଧ୍ୟ ପ୍ରକାଶ କରିଛନ୍ତି ।ତେବେ ପ୍ରଥମେ ଯୁଧିଷ୍ଠିର ଏବଂ ପରେ ମନୋରଞ୍ଜନ ଉଭୟ ନ୍ୟାୟ ପାଇଁ ହିନ୍ଦୋଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।ଦୀର୍ଘଦିନ ହେବ ଟଙ୍କା ଉଠାଇଥିବା ଏଡିଓ ଯୁଧିଷ୍ଠିର ମନୋରଞ୍ଜନଙ୍କ ଟଙ୍କା ଉଠାଇଥିବା ବେଳେ କାହିଁକି ମନୋରଞ୍ଜନଙ୍କୁ ଟଙ୍କା ଦେଉନଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ପୋଲିସର ତଦନ୍ତ ଉପରେ ସମସ୍ତଙ୍କ ନଜର ।

## ବନ୍ଧୁକ ମୁନରେ ଲୁଟୁନେଲେ ୨୫ ଲକ୍ଷ ଟଙ୍କାର ଅଳଙ୍କାର ସହ ନଗଦ ଟଙ୍କା

ଆଳି, (ମହାଭାରତ) : ବନ୍ଧୁକ ମୁନରେ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା । ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮.୩୦ ସମୟରେ ୧୨ ଜଣ ଡକାୟତ ହାତରେ ଭୁଜାଲି ଓ ବନ୍ଧୁକ ଧରି ଆଳି ଥାନା ଖଣ୍ଡିଆପାଟଣା ଗ୍ରାମର ପ୍ରଦୀପ ରାଉତଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଛନ୍ତି । ଡକାୟତ ମାନେ ଘରେ ପଶିବା ପରେ ପରିବାର ଲୋକଙ୍କୁ ଜଣକ ପରେ ଜଣେ ସଦସ୍ୟଙ୍କ ବେକରେ ଭୁଜାଲି ଲଗାଇ ରୋଷେଇ ଘରେ ପୁରାଇ ବନ୍ଦ କରିଦେବା ପରେ ଘରେ ଥିବା ଗଡ଼େରଜ, ବାକ୍ସ ତାଡ଼ି ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଲୁଟି ନେଇଛନ୍ତି । ମାସେ ପୂର୍ବରୁ ପ୍ରଦୀପଙ୍କ ପୁଅ ବାହାଘର ହୋଇଥିବା ରୁ ଏହାକୁ ଲକ୍ଷ କରି ଲୁଟେରା ମାନେ ସମସ୍ତ ଜିନିଷ ଲୁଟି ନେଇଛନ୍ତି । ୪୫ ମିନିଟ ଧରି ଲୁଟେରା ମାନେ ରାଜ୍ୟ ରାଜପଥ କଡ଼େର ଥିବା ଘରୁ ସସସ୍ତ୍ର ଡକାୟତି କରି ଫେରାର ହୋଇ ଯାଇଥିବା ବେଳେ ଆଳିର ଆଇନ ଶୃଙ୍ଖଳା ଉପରେ ବଡ଼ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ଅନୁସନ୍ଧାନ କରିଛି । ଲୁଟେରା ମାନେ ଏକ ଭୁଜାଲି ଛାଡି ଦେଇ ଯାଇଛନ୍ତି ।

## ଦୀର୍ଘ ଦିନରୁ ଶିକୁଳିରେ ଜୀବନ କାଟୁଥିବା ମାନସିକ ଭିନ୍ନକ୍ଷମ ସୁମିତ୍ରାଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସିଲେ ସ୍ନେହମୟୀ

ପାରାଦୀପ, (ମହାଭାରତ) : ଦୀର୍ଘ ପନ୍ଦର ବର୍ଷରୁ ଉର୍ଦ୍ଧ ହେବ ରଶି ରେ ବନ୍ଧା ହୋଇ ଘରେ ପଡିଛି ମାନସିକ ଭିନ୍ନକ୍ଷମ ସୁମିତ୍ରା । ଗୋଡ଼ ବାନ୍ଧି ଗୋଟିଏ ଘରେ ସେବା ଶୁଶ୍ରୁଷା କରୁଛନ୍ତି ବାପା । ଏରସମା ବ୍ଲକ ପୋଖରୀଆପଡା ଗ୍ରାମର ବିଚିତ୍ର ନାୟକ ଙ୍କ ତିନି ପୁଅ ଓ ଗୋଟିଏ ଝିଅ କୁ ନେଇ ସଂସାର । ହଠାତ ଝିଅ ଅସୁସ୍ଥ ହୋଇପଡ଼ିବା ସହିତ ମନକୁ ମନ କଥା ହେବା ଆରମ୍ଭ କରିଥିଲା, ଯାହା ଫଳରେ ବିଚିତ୍ର ଅନେକ ମେଡିକାଲ,ଝଡା ଫୁଙ୍କା କରି କିଛି ସୁଫଳ ମିଳିଲା ନାହିଁ । ଯାହାକୁ ଦେଖି ଦେଖି ଝିଅ ଭଲ ହେବା ପାଇଁ ଅନେକ ଚେଷ୍ଟା କରି ବିଫଳ ହେବାପରେ ମା ଚିନ୍ତାରେ ଆଖି ବୁଜି ଦେଇଥିଲେ । ସେହିଦିନ ଠାରୁ ସୁମିତ୍ରା ର ବାପା ଆଉ ମା ର ଭୂମିକା ନିଭାଉଛନ୍ତି ବାପା ବିଚିତ୍ର । ଆଖିରୁ ଦୁଇଟୋପା ଲୁହ ନିଗାଡ଼ି ଦେଇ ଅନବରତ ଝିଅ ର ସେବା କରି ଚାଲିଛନ୍ତି, କେବେ ମନରେ କିଛି ଭାବିନାହାନ୍ତି, ନିରନ୍ତର ଝିଅ ର ସେବାରେ ଲାଗିପଡିଛନ୍ତି । ଯେଉଁ ଘର ଭିତରକୁ ଅନ୍ୟ ଲୋକ ଗଲେ ଗନ୍ଧରେ ନାକ ଟେକୁଛନ୍ତି, ସେଠି ବିନା ଦ୍ୱିଧା ରେ ବାପା ତାଙ୍କର କର୍ତ୍ତବ୍ୟ କରି ଚାଲିଛନ୍ତି । ଶିକୁଳି ରେ ସୁମିତ୍ରା ଜୀବନ ବିତାଉଥିବା ଖବର ପାଇବା ପରେ ପୋଖରୀଆପଡା ରେ ସୁମିତ୍ରା ଙ୍କ ଘରେ ପହଞ୍ଚିବା ସହିତ ତାର ସୁସ୍ଥତା ପାଇଁ ପୁରୀ ଜିଲ୍ଲା କଣାସ ଠାରେ ରହିଥିବା ନୀଳାଚଳ ସେବା କେନ୍ଦ୍ର କୁ ନେବାପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ତଥା ଚର୍ଚ୍ଚିତ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ । ଆଜି ର ସମାଜରେ ଯେଉଁଠି ପିଲାମାନେ ମଣିଷ ହେବାପରେ ନିଜର ସ୍ତ୍ରୀ ପିଲାଙ୍କୁ ନେଇ ବାହାରେ ରହି ନିଜର ବାପା ମା ଙ୍କୁ ପର କରିଦେଉଛନ୍ତି, ଆଜି ଏଠି ଦିନରାତି ଏକ କରି ଝିଅର ସେବା ରେ ଲାଗିପଡ଼ିଥିବା ବିଚିତ୍ର ଏବଂ ସମାଜ ପାଇଁ ଏକ ଅନନ୍ୟ ଉଦାହରଣ ବୋଲି କହିଛନ୍ତି ସ୍ନେହମୟୀ । ଯେଉଁଭଳି ସମାଜରେ ଦୁସ୍ଥ, ଅସହାୟ, ମାନସିକ ବିକାର ଗ୍ରସ୍ଥ ବ୍ୟକ୍ତି ବିଶେଷ ମାନଙ୍କୁ ନିଜର ସ୍ନେହର ଭଣ୍ଡାର ରେ ଚିକିତ୍ସା କରି ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ କରିବାକୁ ସ୍ନେହମୟୀ ଙ୍କ ପ୍ରୟାସ କୁ ନେଇ ସାଧାରଣ ଲୋକ ମଦର ଟେରେସା ଙ୍କ ଭଳି ସେବାରେ ସ୍ନେହମୟୀ ସମସ୍ତ ଙ୍କ ଠାରୁ ଉର୍ଦ୍ଧରେ ବୋଲି କହିଛନ୍ତି । ସକାଳୁ ଶଯ୍ୟା ତ୍ୟାଗ ଠାରୁ ନିଦ୍ରା ଯିବା ପର୍ଯ୍ୟନ୍ତ ଦିନରାତି ନର ନାରାୟଣ ଙ୍କ ସେବାରେ ନିଜକୁ ନିୟୋଜିତ କରିଚାଲିଛନ୍ତି ସ୍ନେହମୟୀ । ଆଜି ସୁମିତ୍ରା ର ଅବସ୍ଥା ଦେଖିବା ପରେ ଆଖିରୁ ଦୁଇଟୋପା ଲୁହ ନିଗାଡ଼ି ଦେଇଛନ୍ତି, ଏହି ଝିଅ କୁ ସୁସ୍ଥ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଛନ୍ତି ବ୍ୟାସ ଫାଉଣ୍ଡେସନ ର ଅଧାକ୍ଷା ସ୍ନେହମୟୀ ଆଚାର୍ଯ୍ୟ । ଆଜି ସ୍ନେହମୟୀ ଙ୍କ ସହିତ ସମାଜସେବୀ ପ୍ରଶାନ୍ତ କୁମାର ସାମନ୍ତରାୟ, ଅରୁଣା ସାମନ୍ତରାୟ, ସିଦ୍ଧେଶ୍ୱର ପଣ୍ଡା ଙ୍କ ସହିତ ବ୍ୟାସ ଫାଉଣ୍ଡେସନ ର ସଦସ୍ୟ ମାନେ ପୋଖରୀଆପଡାରେ ଶିକୁଳି ରେ ବନ୍ଧା ସୁମିତ୍ରାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ କରିବା ସହିତ ଆସନ୍ତା ବୁଧବାର ସୁମିତ୍ରା ଙ୍କୁ କଣାସ ନୀଳାଚଳ ସେବା ପ୍ରତିଷ୍ଠାନ ନେବାପାଇଁ ଆଲୋଚନା କରିଛନ୍ତି ।

## ମନ୍ଦିର ପରେ ଅଙ୍ଗନବାଡି ଓ ସ୍କୁଲରୁ ଚୋରି

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଡେରୁଣିଆ ଅଙ୍ଗନବାଡି ଓ ସ୍କୁଲରୁ ଗତ ୨ ତାରିଖ ରାତିରେ ଅସ୍ତରଙ୍ଗ ଥାନାରେ ଦୁଇଟି ଅଭିଯୋଗ ହୋଇଛି । ଅଭିଯୋଗ ପରେ ଦୁଇଟି ମାମଲା ରୁଜ୍ଜୁ କରି ପୁଲିସ୍ ତଦନ୍ତ କରୁଛି,ସୂଚନାନୁସାରେ ଗତ ୨ ତାରିଖ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଡେରୁଣିଆ ଅଙ୍ଗନବାଡି କେନ୍ଦ୍ର ଗୃହର କୁନ୍ଦା ଉପାଡ଼ି ଭିତରେ ଥିବା ଗ୍ୟାସ ଚୁଲା, ଗ୍ୟାସ ଟାଙ୍କି, ପାଣି ମୋଟର ଓ ଏକ ପେଟି ଅଣ୍ଡା ଚୋରି କରି ନେଇଥିଲା । ଏହି ଘଟଣା ସମ୍ପର୍କରେ ଅଙ୍ଗନବାଡି କର୍ମୀ ସ୍ୱପ୍ନାରାଣୀ ଦେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୫୧/୨୬ ନମ୍ବର ମାମଲା ରୁଜୁ କରିଛି । ଉକ୍ତ ରାତିରେ ମଧ ଅଙ୍ଗନବାଡି ନିକଟରେ ଥିବା ଡେରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟ ଚୋରିହୋଇଛି । ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟର ତାଲା ଭାଙ୍ଗି ପାଣି ମୋଟର ଓ ବିଦ୍ୟୁତ ତାର ଚୋରି ହେବା ସମ୍ପର୍କରେ ପ୍ରଧାନ ଶିକ୍ଷକ ଦିପ୍ତୀରଞ୍ଜନ ସାହୁ ଥାନାରେ ଅଭିଯୋଗ ପରେ ୧୫୨/୨୬ରେ ମାମଲା ରୁଜୁ ହୋଇଛି । ଗୋଟିଏ ରାତିରେ ଦୁଇଟି ସରକାରୀ ଅନୁଷ୍ଠାନକୁ ଟାର୍ଗେଟ୍ କରି ଦୁର୍ବୃତ୍ତମାନେ ସରକାରୀ ସମ୍ପତ୍ତି ଲୁଟି ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ଏହି ଘଟଣାରେ ଜଣେ ସନ୍ଦେହ ଘେରକୁ ଆସିବାରେ ପରେ ପୁଲିସ୍ କିଛି ଜିନିଷ ଜବତ କରିବା ପରେ ସେ ଫେରାର ହୋଇଯିବା ସ୍ଥାନୀୟ ଅଂଚଳରୁ ଖବର ମିଳିଛି । ତେବେ ଡେରୁଣିଆ ଅଙ୍ଗନବାଡି ଓ ସ୍କୁଲରୁ ଚୋରି ହେବା ଅଭିଯୋଗକୁ ଭିତିକରି ଜଣେ ଚିହ୍ନଟ ହେବା ଓ କେହି ଗିରଫ ହୋଇନଥିବା ଥାନା ଅଧିକାରୀ ବିଦିତା ନାୟକ ସୂଚନା ଦେଇଛନ୍ତି ।

## ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ନାକଟିସିମଡା ଓ କୁସୁମପୁର ସୀମା ନିର୍ଦ୍ଧାରଣ



ରାଇଘର, (ମହାଭାରତ) : ରାଇଘର ବ୍ଲକ ଅନ୍ତର୍ଗତ କୁସୁମପୁର ଓ ନାକଟିସିମଡା ଗ୍ରାମ ମଧ୍ୟରେ ଜଙ୍ଗଲ ସୀମାକୁ ନେଇ ଦୀର୍ଘ ଦଶ ବର୍ଷ ଧରି ଲାଗି ରହିଥିବା ବିବାଦ ଓ ମତଭେଦ ଲାଗି ରହିଥିଲା । ଉଭୟ ପକ୍ଷ ନିଜ ନିଜ ଦାବିକୁ ନେଇ ଅଡ଼ି ବସିଥିବା ବେଳେ ସ୍ଥାନୀୟ ସ୍ତରରେ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରିନଥିଲା । ଫଳରେ ବିବାଦ ଦିନକୁ ଦିନ ଜଟିଳ ହେବାରୁ ଏହାର ସମାଧାନ ପାଇଁ ସମ୍ପୃକ୍ତ ପକ୍ଷ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ।ମାମଲାର ଶୁଣାଣି ପରେ ହାଇକୋର୍ଟ ପ୍ରକୃତ ସ୍ଥିତିର ଅନୁଧ୍ୟାନ କରି ଜଙ୍ଗଲ ସୀମାର ସଠିକ୍ ନିର୍ଦ୍ଧାରଣ ପାଇଁ ବନ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ନବରଙ୍ଗପୁର ଜିଲ୍ଲା ର ସହକାରୀ ବନ ସଂରକ୍ଷକ ସୁବାଷ ଚନ୍ଦ୍ର ଖୁଣ୍ଟିଆ,ରାଇଘର ଅତିରିକ୍ତ ତହସିଲଦାର ମୌସୁମୀ ସଜନ, ବନ ଅଧିକାରୀ ମହମ୍ମଦ ଅବଦୁଲ ସମଦ, ଭୁନେସ ପୂଜାରୀ,ପ୍ରଦୀପ କୁମାର ଦାସ,ଲଖିରାମ ମାଝୀ, ଭବାନୀ ଶଙ୍କର ବିଶୋଇ ଓ ଜିଲ୍ଲା ଛଅ ଗୋଟି ରେଞ୍ଜ ର ଏହି ବିବାଦୀୟ ଅଞ୍ଚଳରେ ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମ୍ପନ୍ନ କରିଥିଲେ । ସେମାନେ ଘଟଣାସ୍ଥଳରେ ପହଞ୍ଚି ସୀମା ଚିହ୍ନଟ, ପୁରାତନ ରେକର୍ଡ ଯାଞ୍ଚ, ମାନଚିତ୍ର ଅନୁଧ୍ୟାନ ଓ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ । ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସମୟରେ ଆଧୁନିକ ପ୍ରଯୁକ୍ତି ଏବଂ ସରକାରୀ ରେକର୍ଡର ସହାୟତା ନିଆଯାଇଥିବା ଜଣାପଡ଼ିଛି । ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ବିବାଦର ସମାଧାନ ଦିଗରେ ଆଜିର ପଦକ୍ଷେପକୁ ଏକ ଐତିହାସିକ ପଦକ୍ଷେପ ଭାବେ ଦେଖାଯାଉଛି । ଏସଏଫ୍ (ସେକ୍ସନ ଫରେଷ୍ଟର)ଙ୍କ ସୂଚନା ଅନୁଯାୟୀ, ଏହି ପ୍ରକାରର ଜଙ୍ଗଲ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପ୍ରଥମ ଥର ପାଇଁ କରାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବନ ବିଭାଗ ପକ୍ଷରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ରିପୋର୍ଟ ପରବର୍ତ୍ତୀ ସମୟରେ ହାଇକୋର୍ଟରେ ଦାଖଲ କରାଯିବ ବୋଲି ସେ କହିଛନ୍ତି ।ଦୀର୍ଘ ଦଶ ବର୍ଷ ଧରି ଚାଲିଆସୁଥିବା କୁସୁମପୁର ଓ ନାକଟିସିମଡା ମଧ୍ୟର ଜଙ୍ଗଲ ସୀମା ବିବାଦର ଏହି ସମାଧାନ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ତୋଷ ପ୍ରକାଶ ପାଇଛି । ଏହା ଦ୍ୱାରା ଭବିଷ୍ୟତରେ ଆଉ କୌଣସି ବିବାଦ ସୃଷ୍ଟି ହେବ ନାହିଁ ଏବଂ ଉଭୟ ଗ୍ରାମ ମଧ୍ୟରେ ସଦ୍ଭାବ ଓ ଶାନ୍ତି ବଜାୟ ରହିବ ବୋଲି ସ୍ଥାନୀୟ ଲୋକେ ଆଶା ବ୍ୟକ୍ତ କରିଛନ୍ତି ।

## କାଠ ବୋଝେଇ ଗାଡ଼ି ଜବତ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପୋଇପାଣି ବିଟ୍ ଅନ୍ତର୍ଗତ ଖୋଜୁରୀପାଣି ଗ୍ରାମରେ ବେଆଇନ୍ ଆକାଶିଆ କାଠ ଗଛିତ ଥିବାର କୌଣସି ସୂତ୍ର ଖବର ପାଇ ପାଟଣା ବନ ବିଭାଗ ଅଧିକାରୀ ନିରଞ୍ଜନ ସେଠୀ, ପୋଇପାଣି ବନରକ୍ଷୀ ରାଜେଶ କୁମାର ଜେନା, ପାଟଣା ବନାଞ୍ଚଳର ପାରାସ୍କ୍ୱାଡ୍ ଏବଂ କେନ୍ଦୁଝର ବନଖଣ୍ଡ ମୋବାଇଲ ୟୁନିଟ ଟିମ୍ ଘର ଉପରେ ଚଢ଼ାଉ କରି ଗଛିତ ଥିବା ଆକାଶିଆ କାଠ ସହିତ ଏକ କାଠ ବୋଝେଇ ହାଇଚର । ହାଇର୍ଚ ଗାଡ଼ି ଜବତ କରିଛି । ଏହି ବେଆଇନ୍ ଗଛିତ ଜବତ କାଠ ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ରୁ ଅଧିକ ହେବା ସହ ବନ ବିଭାଗ ସେହି ଗ୍ରାମ ୨ଜଣ କୁ ଅଟକ ରଖି ସଠିକ୍ ତଦନ୍ତ କରୁଥିବା ଜଣାପଡିଛି ।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, (ମହାଭାରତ) : ବିଶ୍ୱସ୍ତରୀୟ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଇଫକୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବିଭିନ୍ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଇଫକୋ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ଇଫକୋ ପରିସରରେ ଅନୁଷ୍ଠିତ ହୋଇଥିଲା । ଏସପିସିବିର ଆଂଚଳିକ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସପ୍ତାହବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଇଫକୋର ପ୍ଲା□ ହେଡ୍ ପି.କେ.ମହାପାତ୍ର ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଇଫକୋ ପରିବାର, କର୍ମଚାରୀମାନଙ୍କୁ ସାମିଲ କରାଯାଇଥିବାରୁ ଏହା ଏକ ବଡ କାର୍ଯ୍ୟ ବୋଲି କହିଥିଲେ । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନିମନ୍ତେ ସବୁବେଳେ ମାନସିକ ଭାବେ ପ୍ରସ୍ତୁତ ରହିବେ । ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶ୍ରୀ ମହାପାତ୍ର ଉଚ୍ଚପ୍ରଶଂସା କରିବା ସହିତ ମାନବସମାଜ ପାଇଁ ଅମ୍ଳଜାନ ଯୋଗାଇବାର ଏକ ସଫଳ ମାଧ୍ୟମ ବୋଲି କହିଥିଲେ । ଏସପିସିବିର ଆଂଚଳିକ ଅଧିକାରୀ ବିବେଚିତା ଷଡଙ୍ଗୀଷେଯାଗ ଦେଇ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରୋକିବା ପାଇଁ ଶିଳ୍ପସଂସ୍ଥା ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ । ଏସପିସିବି ପରିବେଶ ଯନ୍ତ୍ରୀ ଡି.ଏଲ.ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପରିବେଶ ବିଭାଗ ମୁଖ୍ୟ ଆର.କେ.ସ୍ୱାଇଁ ଏହି ସପ୍ତାହବ୍ୟପି କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ ।

## ବ୍ରହ୍ମଗିରିରେ ରାଷ୍ଟ୍ରୀୟ ସଦଭାବନା ମଞ୍ଚ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ



ବ୍ରହ୍ମଗିରି, (ମହାଭାରତ) : ଭାରତ ସରକାର ଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ କେନ୍ଦ୍ର, ପୁରୀ ଜିଲ୍ଲା ଏବଂ ରାଷ୍ଟ୍ରୀୟ ସଦଭାବନା ମଞ୍ଚ ତରଫରୁ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆ ଗ୍ରାମ ପଞ୍ଚାୟତର ବ୍ରାହ୍ମଣିଆ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଆଇନଜୀବୀ ଦିଗମ୍ବର ବେହେରା ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପରିବେଶ ସୁରକ୍ଷା ରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ବ୍ରହ୍ମଗିରି ଓକିଲ ସଂଘ ସଭାପତି ଆଇନଜୀବୀ ରମା ଶଙ୍କର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ।ଆମ ସଂସ୍କୃତି ଦାରୁ ବୃକ୍ଷ ଆଧାରିତ ।ଜନ୍ମର ଏନ୍ତୁଡ଼ିଶାଳରୁ ମରଣର ଜୁଇ ଶେଯ ପର୍ଯ୍ୟନ୍ତ ବୃକ୍ଷର ଆବଶ୍ୟକତା ରହିଛି । ବର୍ତ୍ତମାନ ପୃଥିବୀ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟି ଚାଲିଛି । ବିଶ୍ୱ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ହେବାରେ ଲାଗିଛି । ଏହାକୁ ସ୍ଥାନୀୟ ସ୍ତରରେ ମୁକାବିଲା କରିବାକୁ ହେଲେ ବ୍ୟାପକ ବୃକ୍ଷ ରୋପଣ କରିବାକୁ ହେବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ବବିତା ସ୍ୱାଇଁ, ସମାଜସେବୀ ସସ୍ମିତା ସାହୁ, ବ୍ରହ୍ମା କୁମାରୀ ଭଗ୍ନୀ ମଞ୍ଜୁଲତା ଦେବୀ, ଟୁଇଟର ଆକ୍ଟିଭିଷ୍ଟ ବିସ୍ମୟ ମିଶ୍ର, ଅକ୍ଷୟ କୁମାର ଜେନା, ସମାଜସେବୀ ପ୍ରଦୀପ କୁମାର ମହାରଣା ପ୍ରମୁଖ ଯୋଗଦାନ କରି ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ ଓ ବ୍ୟାପକ ବୃକ୍ଷ ରୋପଣ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବିଭିନ୍ନ ଫଳଚାରା ରୋପଣ କରିଥିଲେ । ପୂର୍ବରୁ ଆୟୋଜିତ ହୋଇଥିବା ପରିବେଶ ସୁରକ୍ଷା ସମ୍ପର୍କୀତ ବକ୍ତୃତା ପ୍ରତିଯୋଗିତାର ଚାରିଜଣ ବିଜେତାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଷ୍ଟଡି କମ୍ପ୍ଲେକ୍ସ ର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ରାଷ୍ଟ୍ରୀୟ ସଦଭାବନା ମଞ୍ଚ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ ।ଆବାହକ ସମୀର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା,ଚାଷୀ,ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।

## ମାଲକାନଗିରିରେ ଗଣତନ୍ତ୍ରର ସୁଦୃଢ଼ୀକରଣ ପାଇଁ ସ୍ୱତନ୍ତ୍ର ଭୋଟର ସଚେତନତା ଅଭିଯାନ



ମାଲକାନଗିରି, (ମହାଭାରତ) : ଏସଆଇଆର ୨୦୨୬ ର ସଫଳ ରୂପାୟନ ମାଧ୍ୟମରେ ଏକ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଏବଂ ସର୍ବସାମିଲ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ମାଲକାନଗିରି ଜିଲ୍ଲା ଏକ ପ୍ରଶଂସନୀୟ ଗଣ-ଆନ୍ଦୋଳନର ରୂପ ନେଇଛି । ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ନାଗରିକମାନଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରଥ ପରିକ୍ରମା କରୁଛି । ଏହି ଅଭିଯାନରେ ସକ୍ରିୟ ଭାଗ ନେଇ ନିଜର ଭାଗିଦାରୀ ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଉତ୍ସାହିତ କରାଯାଉଛି ।ଏହି ଅଭିଯାନକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାଲକାନଗିରି ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । କୌଣସି ବି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ବଞ୍ଚିତ ନ ହେବେ, ସେଥିପାଇଁ କ୍ଷେତ୍ରାଧିକାରୀମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି । ଏହି କ୍ରମରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ନିଜେ ମାଲକାନଗିରି ପୌରପାଳିକା ଅଞ୍ଚଳ ଗସ୍ତ କରିଛନ୍ତି । ସେ ସ୍ଥାନୀୟ ବରିଷ୍ଠ ନାଗରିକମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସେମାନଙ୍କର ପରିଗଣନା ଫର୍ମ ବଣ୍ଟନ କରିବା ସହ ଅଭିଯାନର ମହତ୍ତ୍ୱ ବୁଝାଇଛନ୍ତି । ଅଭିଯାନର ଅଷ୍ଟମ ଦିନରେ ବିଭିନ୍ନ ଅଞ୍ଚଳରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ମଧ୍ୟ ଆନ୍ତରିକତାର ସହ ଘରକୁ ଘର ବୁଲି ପରିଗଣନା ଫର୍ମ ବଣ୍ଟନ ଜାରି ରଖିଛନ୍ତି । ନୂତନ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ପୁରୁଣା ଭୁଲ୍ ସଂଶୋଧନ କରିବା ସହ ବରିଷ୍ଠ ନାଗରିକଙ୍କ ସୁବିଧା ପ୍ରତି ଧ୍ୟାନ ଦେବା ହିଁ ଏହି ଅଭିଯାନର ମୂଳ ଲକ୍ଷ୍ୟ, ଯାହା ଆଗାମୀ ଦିନରେ ଅଞ୍ଚଳର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ମଜବୁତ କରିବ । ଅନ୍ୟ ମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ ଓ ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ ଉପସ୍ଥିତ ଥିଲେ ।

## ନାହିଁ ନାହିଁରେ ଚାଲିଛି ସରକାରୀ ହୋମ୍ୟପାଥିକ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଟାଉନ ହଲ ଠାରେ ଥିବା ହୋମ୍ୟପାଥିକ ଚିକିତ୍ସ ।ଳୟଟି ନାହିଁ ନାହିଁରେ ଚାଲିଛି । ଏଠାରେ ସ୍ଥାୟୀ ଡାକ୍ତର ନାହିଁ, ଚିକିତ୍ସାଳୟଟି ପୌର ପାରିଷଦର କ୍ୱାଟରରେ ଚାଲିଛି ସେଠାରେ ପାଣିର ବ୍ୟବସ୍ଥା ନାହିଁ, ଶୌଚାଳୟ ନାହିଁ ରୋଗୀଙ୍କ ସକାଶେ ପ୍ରତିକ୍ଷା



ଗୃହ ନାହିଁ । ଏହି କ୍ୱାଟର ରୁମ୍ ଟି ସିଲିଂ ହୋଇ ନାହିଁ । ଫୋନ୍ ନାହିଁ, ତାପ ମାତ୍ରାରେ କିପରି ରୋଗୀ ସେବା ହେବ ସହଜରେ ଅନୁମେୟ, ନୂତନ କୋଠା ଗୃହଟି କରିଲେ ଲୋକେ ଉପକୃତ ହୋଇ ସ୍ୱାସ୍ଥ୍ୟ ସେବା ପାଇ ପାରିବେ । ପ୍ରକାଶ ଥାଉ କି ଏହି ବିଷୟରେ ପାରଳା ବିଧାୟକ୍ ପରିଦର୍ଶନ କରିଥିଲେ । ତା ସାଙ୍ଗକୁ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହନାନାଗା, ପୌର ପରିଷଦ ଅଧକ୍ଷ । ନିର୍ମଳା ସେଠୀ ପରିଦର୍ଶନ କରିଥିଲେ । ଏହାପରେ ବିଦ୍ୟୁତ୍ ବେବସ୍ଥା କରାଗଲା କିନ୍ତୁ ଅନ୍ୟ କିଛି ସମସ୍ୟା ତଥା ମୌଳିକ ଆବଶ୍ୟକତା ପୁରଣ ହୋଇ ପାରିଲା ନାହିଁ । ଦିନକୁ ଦିନ ତାପ ମାତ୍ରା ବୃଦ୍ଧି ହଉଛି କିପରି ରୋଗୀ ସେବା ହୋଇ ପାରିବ ସହଜରେ ଅନୁମେୟ ଏଥି ପ୍ରତି ନୂତନ ସରକାର ଲୋକଙ୍କ ସରକାର ଦୃଷ୍ଟି ଦେଲେ । ଜିଲ୍ଲାରେ ହୋମ୍ୟପାଥିକ ଚିକିତ୍ସାର ଉନ୍ନତି ହୋଇ ପାରିବ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି ।

## ପୋଲରୁ ଖସି ବ୍ୟକ୍ତିଙ୍କ ମୃତ୍ୟୁ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ପୋଲ ଉପରେ ରୁ ଖସି ପଦି ମୃତ୍ୟୁ ଘଟି ଛି । ମୃତ ବ୍ୟକ୍ତି ଜଣକ ବିଶୁ ନାଏକ ଗ୍ରାମ- ଶିବନାରାୟଣ ପୁର ବାସିନ୍ଦା ବୋଲି ଜଣାପଡି ଛି । ସୂଚନା ରୁ ପ୍ରକାଶ ଆଜି ପୂର୍ବାହ୍ନ ରେ ବିଶ୍ୱ ନାଏକ କୌଣସି କାମ ସାରି ଘର କୁ ଫେରୁଥିବା ସମୟରେ ବୈତରଣୀ ନଦୀ ପୋଲ ଉପରେ ଚାଲି ଚାଲି ଆସୁଥିବା ବେଳେ କୌଣସି କାରଣରୁ ବିଶୁ ପୋଲ ଉପରେ ନଦୀପାଣିକୁ ଖସି ପଡି ଥିଲେ । ସ୍ଥାନୀୟ ଲୋକେ ପୋଲ ଉପରୁ ଖସି ପଡିବା ଦେଖି ସଙ୍ଗେ ସଙ୍ଗେ ପାଟଣା ଅଗ୍ନିଶମ ବିଭାଗ କୁ ଖବର ଦେଇ ଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ନଦୀରେ ପହଞ୍ଚି ବିଶୁ ଙ୍କୁ ନଦୀ ପାଣି ରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ବିଶୁ ଙ୍କୁ ମୃତ ଘୋଷଣା କରିଥିଲେ । ପାଟଣା ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପୋଲିସ ପରିବାର ଲୋକ ଙ୍କୁ ମୃତଦେହ ହସ୍ତାନ୍ତର କରିଛି ।

## ମହାରାଷ୍ଟ୍ରରୁ ବିନା ପଇସାରେ ପାଦେ ପାଦେ ଫେରୁଛନ୍ତି ଦାଦନ ଶ୍ରମିକ



ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୁସୁମଗୁଡା ଅଞ୍ଚଳରୁ ଏକ ହୃଦୟବିଦାରକ ଓ ମାନବିକତାକୁ ନଡ଼ାଇଦେବା ଭଳି ଘଟଣା ସାମ୍ନାକୁ ଆସିଛି । ରୋଜଗାରର ଆଶା ନେଇ ମହାରାଷ୍ଟ୍ରକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକ ଆଜି ବିନା ପଇସାରେ ଶତାଧିକ କିଲୋମିଟର ପାଦେ ପାଦେ ନିଜ ଘରକୁ ଫେରୁଥିବା ଦେଖିବାକୁ ମିଳିଛି । ଦୀର୍ଘ ଦୁଇ ମାସ ଧରି ଭୋକ, ଶୋଷ ଓ ଅସହ୍ୟ କ୍ଳାନ୍ତିକୁ ସହି ସେ କେବଳ ପରିବାର ପାଖକୁ ପହଞ୍ଚିବା ଆଶାରେ ଆଗକୁ ବଢ଼ି ଚାଲିଛନ୍ତି । ସୂଚନା ଅନୁସାରେ,ଏହି ଦାଦନ ଶ୍ରମିକ ଛତିଶଗଡ଼ର ଜଗଦଳପୁର ଅଞ୍ଚଳର ବୋଲି ଜଣାପଡ଼ିଛି । ଜୀବିକାର ସନ୍ଧାନରେ ସେ ମହାରାଷ୍ଟ୍ରକୁ ଯାଇଥିଲେ । ସେଠାରେ ପ୍ରାୟ ୧୫ ଦିନ ଧରି କାମ କରିବା ପରେ କାର୍ଯ୍ୟସ୍ଥଳରେ କିଛି ଶ୍ରମିକଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟିଥିଲା । ଏହି ପରିସ୍ଥିତି ଦେଖି ସେ ନିଜ ପାଇବା ଟଙ୍କା ମାଗିବାକୁ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ । ଭୟ ଓ ଅନିଶ୍ଚିତତାରେ ସେ କାମ କରୁଥିବା ସ୍ଥାନ ଛାଡ଼ି ଚାଲିଆସିଥିଲେ ଫଳରେ ତାଙ୍କ ହାତରେ ନା କୌଣସି ଟଙ୍କା ରହିଲା, ନା ଖାଦ୍ୟ କିମ୍ବା ଯାତ୍ରା ପାଇଁ କୌଣସି ବ୍ୟବସ୍ଥା । ଅସହାୟ ଅବସ୍ଥାରେ ସେ ବାଧ୍ୟ ହୋଇ ନିଜ ଗାଁକୁ ପାଦେ ପାଦେ ଫେରିବା ଆରମ୍ଭ କରିଥିଲେ । ଦୀର୍ଘ ଯାତ୍ରା ଯୋଗୁଁ ତାଙ୍କ ଶରୀର ଦୁର୍ବଳ ହୋଇପଡ଼ିଥିଲେ ମଧ୍ୟ ପରିବାର ପାଖକୁ ପହଞ୍ଚିବାର ଆଶା ତାଙ୍କୁ ଆଗକୁ ଚାଲିବାର ସାହସ ଦେଉଛି । ରାସ୍ତାରେ ଯାହା ମିଳୁଛି ତାହା ଖାଇ ଓ ଅନେକ ସମୟ ଉପବାସରେ ରହି ସେ ଯାତ୍ରା ଜାରି ରଖିଛନ୍ତି । ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକମାନେ ଭାବୁକ ହୋଇ ପଡ଼ିଥିଲେ । ଏହି ସମୟରେ କୁସୁମଗୁଡା ହାଇସ୍କୁଲରେ କାର୍ଯ୍ୟରତ ପିଅନ ଝଡେଶ୍ୱର ବିଶଇ ମାନବିକତାର ପରିଚୟ ଦେଇ ସେହି ଶ୍ରମିକଙ୍କୁ ସହାୟତାର ହାତ ବଢ଼ାଇଥିଲେ । ସେ ଶ୍ରମିକଙ୍କୁ ୧୦୦ ଟଙ୍କା ସହ କୋଟପାଡ଼ ପର୍ଯ୍ୟନ୍ତ ଯିବା ପାଇଁ ବ୍ୟବସ୍ଥା କରିଥିଲେ । ଏଥିସହ ସେ ଅନ୍ୟମାନଙ୍କୁ ମଧ ଏହି ଅସହାୟ ଶ୍ରମିକଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ଘଟଣା ପୁଣିଥରେ ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ସମାଜ ସାମ୍ନାରେ ଆଣିଛି । ରାଜ୍ୟରେ ରୋଜଗାରର ଅଭାବ ଯୋଗୁଁ ଗରିବ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ କିପରି ଅନିଶ୍ଚିତତା, ଭୟ ଓ ଅସୁରକ୍ଷିତ ପରିସ୍ଥିତିରେ ଜୀବନ କାଟୁଛନ୍ତି, ଏହି ଘଟଣା ତାହାର ଜୀବନ୍ତ ଉଦାହରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି ଯେ, "ସରକାର ଓ ପ୍ରଶାସନ ଦାଦନ ଶ୍ରମିକଙ୍କ ସୁରକ୍ଷା, ରୋଜଗାର ଏବଂ ସଂକଟ ସମୟରେ ସହାୟତା ପାଇଁ ଅଧିକ ସଜାଗ ହେବା ଆବଶ୍ୟକ । ନଚେତ ଏପରି ଦୁଃଖଦ ଘଟଣା ଆଗାମୀ ଦିନରେ ଆହୁରି ବଢ଼ିବ ।"



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଯବାନଙ୍କୁ ନିଆରା ସ୍ୱାଗତ



କପ୍ତିପଦା(ମହାଭାରତ): ଗାଁ ଦାଣ୍ଡ ରେ ବାଜୁଛି ଡିଜେ ଓ ମାଦଳ ଧୂମସା । ସେଇ ମାଦଳ ଓ ଧୂମସା ର ତାଳେ ତାଳେ ଚାଲିଛି ନାଚ । ବୁଢା ଠୁ ଛୁଆ ଓ ମହିଳା ଠୁ ପୁରୁଷ ସମସ୍ତେ ନାଚଗୀତ ରେ ମଜଗୁଲ । ସମସ୍ତ ଙ୍କ ମନ ରେ ଖୁସି ଆଉ ଖୁସି ! କାହିଁକି ନା ଗାଁ ପୁଅ ଗାଁ କୁ ଫେରିଛି ।ଆପଣଙ୍କୁ ଦେଖିଲେ ଲାଗୁଥିବ କେଉଁ ବାହାଘର ର ପ୍ରୋସେସନ କିନ୍ତୁ ତାହା ନୁହେଁ ।ଏ ହେଉଛି ଜଣେ ଯବାନ ଙ୍କ ଘର ବାହୁଡ଼ିବା ର ଖୁସି ର ମାହୋଲ । ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ କଦଳୀବାଡିଆ ଗ୍ରାମ ଏ ହେଉଛନ୍ତି ଜଗନ୍ନାଥ ହେମ୍ବ୍ରମ । ଜଗନ୍ନାଥ ଜଣେ ସିଆରପିଏଫ ଯବାନ । ଚାକିରୀ ରୁ ଅବସର ପରେ ନିଜ ଜନ୍ମ ମାଟି କୁ ଫେରିଥିବା ବେଳେ ଗ୍ରାମବାସୀ ଏକ ସ୍ୱାଗତ ଉତ୍ସବ ଆୟୋଜନ କରିଥିଲେ । ଏହି ସ୍ୱାଗତ ପାଇଁ ସମସ୍ତ ଙ୍କ ମଧ୍ୟ ଖୁସି କହିଲେ ନ ସରେ ।୧୯୮୮ ମସିହା ରୁ ରାଜସ୍ଥାନ ରେ ସିଆରପିଏଫ ୭୧ ବାଟାଲିୟନ ରେ ଯୋଗ ଦେଇଥିଲେ । ଏହି ପରି କି ଆସାମ, ଛତିଶଗଡ଼ ଓ ଜାମୁ କାଶ୍ମୀର ପରି ବିଭିଓ ସ୍ଥାନ ରେ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ । ଦୀର୍ଘ ୩୮ ବର୍ଷ ଚାକିରୀ କରିବା ପରେ ଆଜି ନିଜ ଜନ୍ମ ମାଟି କୁ ଫେରିବା ପରେ ନିଜେ ବହୁତ ଖୁସି ଅନୁଭବ କରିଥିଲେ । ଚାହିଁ ରହିଥିଲା ପୁରା ଗାଁ ଜଗନ୍ନାଥ ଙ୍କୁ ସ୍ୱାଗତ କରିବା ପାଇଁ କେତେବେଳେ ଆସିବେ ନିଜ ମାଟି ର ପୁଅ । ସେଥିପାଇଁ ପାଇଁ ଛୁଆ ରୁ ବୟସ୍କ,ମହିଳା ଓ ପୁରୁଷ ଙ୍କ ସହ ଗାଁ ର ଯୁବକ ସଙ୍ଘ ମାନେ ଗାଁ ମୁଣ୍ଡ ରେ ଅପେକ୍ଷା କରିଥିଲେ । ଯେତେବେଳେ ଦେଶ ମାତୃକା ପାଇଁ ସେବା କରୁଥିବା ଏ ମାଟି ର ପୁଅ ଜଗନ୍ନାଥ ପହଁଚିଲା ପରେ ଗାଁ ରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ତାଙ୍କୁ ଓ ସ୍ତ୍ରୀ ପଦ୍ମାବତୀ ଙ୍କୁ ଗୋଡ଼ ଧୋଇବା ସହ ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ସ୍ୱାଗତ କରିଥିଲେ । ସତେଯେମିତି ଗାଁ ରେ ଜଗଓାଥ ପହଁଚିବା ପରେ ସମସ୍ତେ ନାଚଗୀତ ରେ ମଜି ଯାଇଥିଲେ ।

## ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲାର ଅଗ୍ରଣୀ ମହିଳା ସଙ୍ଗଠନ ଆକାଂକ୍ଷା ତରଫରୁ ବି ସୀତା ପୁର ଗ୍ୟାନ କେନ୍ଦ୍ର ଠାରେ ବିଶ୍ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯିବା ସହିତ ସଚେତନତା ର ଏକ ସଭା ର ଆୟୋଜନ ମଧ୍ୟ କରାଯାଇଥିଲା । ଏହି ଅବସରରେ ସଙ୍ଗଠନ ର ଉପଦେଷ୍ଟା ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ପାଠୀ, ସଂପାଦିକା ଶ୍ରୀମତୀ ମିନା କୁମାରୀ ଟହଲ, ସଦସ୍ୟା ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ପୁଷ୍ପାଞ୍ଜଳି ପଣ୍ଡା, ବବିତା ପୁରୋହିତ, ଶ୍ରୀ ରାଜେନ୍ଦ୍ର ରଥ ଯୋଗ ଦେଇ ପରିବେଶ ର ସୁରକ୍ଷା ନିମନ୍ତେ ଓ ଭୂମଣ୍ଡଳ ତାପମାତ୍ରା କୁ ନିୟନ୍ତ୍ରଣ କରିବାକୁ ହେଲେ ବୃକ୍ଷ ହିଁ ଆବଶ୍ୟକ ବୋଲି ବୁଝାଇ କହିଥିଲେ ।ବୃକ୍ଷ ର ଯତ୍ନଓ ସୁରକ୍ଷା ଆମ ସମସ୍ତଙ୍କ ର ଦାୟିତ୍ୱତେଣୁ ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ପାଇଁ ବୃକ୍ଷ ରୋପଣ କରିବା ସହିତ ତାହାର ଯତ୍ନ ନେବା ପାଇଁ ସମସ୍ତେ ସପଥ ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ମାନେ ଯୋଗଦେଇ କାର୍ଯ୍ୟ କ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଜାକେଡ଼ା ପଞ୍ଚାୟତ ପ୍ରିମିୟର ଲିଗ ଉଦଯାପିତ ଫାଇନାଲ ମ୍ୟାଚରେ ଡିକେ ୱାରୀଅରର୍ସ ବିଜୟୀ

ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ ଅନ୍ତର୍ଗତ ଶିମିଳିସାହି ଖେଳ ପଡ଼ିଆରେ ପ୍ରଥମ ଥର ପାଇଁ ଜାକେଡ଼ା ପଞ୍ଚାୟତ ପ୍ରିମିୟର ଲିଗ ଦୀର୍ଘ ୪ଦିନ ଧରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ ଆଜି ଉଦଯାପିତ ହୋଇଯାଇଛି ।ଫାଇନାଲ ମ୍ୟାଚ ଡିକେ ୱାରୀଅରର୍ସ ସହିତ ଏପି ଇଲେଭେନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଡିକେ ୱାରୀଅରର୍ସ ଟସ ୱାଇନ କରି ୧୫ ଓଭରରେ ୭ ୱାଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା ଜବାବରେ ଏପି ଇଲେଭେନ ୧୫ ଓଭରରେ ୪ ୱାଇକେଟ ହରାଇ ୧୫୧ ରନ କରି ମ୍ୟାଚ ହାରିଥିଲା ।ଫଳରେ ଡିକେ ୱାରୀଅରର୍ସ ଚମ୍ପିଆନ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ଜାନି,ସମିତି ସଭ୍ୟା ପ୍ରଭାତୀ ମଳିକ,ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକ,ଗୁମି ସମିତି ସଭ୍ୟ ସଞ୍ଜୀବ କୁମାର ଡ଼ାକୁଆ,ପ୍ରମେୟ ସାମ୍ବାଦିକ ହୃଦୟାନନ୍ଦ ଶାସମଲ, ସମାଜ ସାମ୍ବାଦିକ ସୁଖେନ୍ଦୁ କୁମାର ଦାସ,ପ୍ରଦୀପ କୁମାର ଜାନି, କୋରଡ଼ା ମାଳ ସମ୍ପାଦକ ଅଇଁଠା ମଳିକ,ଇନ୍ଦ୍ରମଣି ମଳିକ, ଲକ୍ଷ୍ମୀଧର ଜାନି ପ୍ରମୁଖ ଉପସ୍ଥିତ ରହିଥିଲେ।ଅତିଥି ମାନେ ବିଜେତା ଙ୍କୁ ଚମ୍ପିଆନ ଟ୍ରଫି ପ୍ରଦାନ କରିବା ସହ ଉପ ବିଜେତା ଙ୍କୁ ରନର୍ସ ଅଫ ଟ୍ରଫି ପ୍ରଦାନ କରିଥିଲେ ଏବଂ ଗଣେଶ ଜାନି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ପ୍ରକାଶ ପ୍ରଧାନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ଅତିଥି ମାନଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଆଜିର ଖେଳ ସୁଦର୍ଶନ ମଳିକ ଓ ସିଦ୍ଧାନ୍ତ ମଳିକ ପରିଚାଳନା କରିଥିବା ବେଳେ ଜେ.ପି.ପି.ଏଲ କମିଟିର ସଦସ୍ୟ ଦିଲ୍ଲୀପ କୁମାର ଜାନି, ପ୍ରକାଶ ମଳିକ, ବୁଲୁ ମଳିକ ଏବଂ ହରେକୃଷ୍ଣ ମଳିକଙ୍କ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା ।

# ଭୂମିହୀନ ପରିବାରଙ୍କୁ ମିଳିଲା ନିଜସ୍ୱ ଠିକଣା

ଲାଞ୍ଜିଗଡ(ମହାଭାରତ): ସାମାଜିକ ସୁରକ୍ଷା ଏବଂ ସମ୍ମାନଜନକ ଜୀବନଯାପନର ମୂଳଦୁଆ ଉପରେ ହିଁ ପ୍ରକୃତ ବିକାଶର ସୌଧ ଗଢ଼ିଉଠେ । କେବଳ ଭୌତିକ ପ୍ରଗତି ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସ୍ଥାୟୀ ଠିକଣା ପ୍ରଦାନ କରିବା ହେଉଛି ପ୍ରଶାସନର ପ୍ରକୃତ ସଫଳତା । ଏକ ନିର୍ଦ୍ଦିଷ୍ଟ ଠିକଣା କେବଳ ମାଟିର ଖଣ୍ଡିଏ କାଗଜ ନୁହେଁ, ଏହା ବ୍ୟକ୍ତିର ଆତ୍ମବିଶ୍ୱାସର ପ୍ରତୀକ ଏବଂ ତା'ର ଭବିଷ୍ୟତ ଗଢ଼ିବାର ପ୍ରଥମ ପାହାଚ୍ୟ ପ୍ରଶାସନିକ ବ୍ୟବସ୍ଥା ଯେତେବେଳେ ନିଜର ଚାରିକ୍ୟାରୁ ବାହାରି ତୃଣମୂଳ ସ୍ତରର ଅଭାବକୁ ସମାଧାନ କରିବାକୁ ଆଗେଇ ଆସେ, ସେତେବେଳେ ଗଣତନ୍ତ୍ର ପ୍ରକୃତ ଅର୍ଥରେ ଲୋକଙ୍କ ପାଖରେ ପହଞ୍ଚିଥାଏ ।ଏହି ଆଦର୍ଶକୁ ପାଥେୟ କରି ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେର,ଲାଞ୍ଜିଗଡ଼ ରାଜସ୍ୱ ନିରୀକ୍ଷକ ତାପସ କୁମାର ମିଶ୍ର ତ୍ରିଲୋଚନପୁର,ଜଗନ୍ନାଥ ପୁର ଓ ଲାଞ୍ଜିଗଡ଼ ପଞ୍ଚାୟତର ବେଲଗୁଡ଼ା, ଅମ୍ବାଗୁଡ଼ା, ଖାଲଗୁଡ଼ା, ବାନିଗାଁ, ଜଗନ୍ନାଥପୁର ଏବଂ ଗୋଇପଟା ଆଦି ଗ୍ରାମଗୁଡ଼ିକ ଗସ୍ତ କରିଥିଲେ । ଦୀର୍ଘ ଦିନ ଧରି ଭୂମିହୀନ ହୋଇ ଅବହେଳିତ ଜୀବନ ବିତାଉଥିବା ୯୨ ଟି ପରିବାରଙ୍କୁ ୪ ଡେସିମିଲ



ଲେଖାଏଁ ସ୍ଥାୟୀ ଘରଡ଼ିହ ପଟ୍ଟା ଆବଣ୍ଟନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି ।ଏହା ଫଳ ରେ ଏହି ୯୨ ଟି ପରିବାର ଏବେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' (ପିଏମଏଓଆଇ ) କିମ୍ବା ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ, ଯାହା ସେମାନଙ୍କ ଜୀବନଧାରାରେ ଏକ ବଡ଼ ପରିବର୍ତ୍ତନ ଆଣିବ । ପଟ୍ଟା ବଣ୍ଟନ ଅବସରରେ ତହସିଲଦାର କହିଛନ୍ତି, ସରକାରୀ ଯୋଜନାର ସଫଳ ରୂପାୟନ କେବଳ କାର୍ଯ୍ୟାଳୟର ଚାରି କାନ୍ଥ ଭିତରେ ସୀମିତ ନୁହେଁ । ଆମର ଉଦ୍ୟମ ହେଉଛି ପ୍ରତ୍ୟେକ ଗରିବ ପରିବାରଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଓ ସୁରକ୍ଷା ପ୍ରଦାନ କରିବା । ହିତାଧିକାରୀଙ୍କ ମୁହଁରେ ଥିବା ଏହି ଆତ୍ମସନ୍ତୋଷ ହିଁ ଜଣେ ସରକାରୀ ଅଧିକାରୀ ପାଇଁ ସବୁଠାରୁ ବଡ଼ ପୁରସ୍କାର । ପ୍ରଶାସନ ସର୍ବଦା ଜନସାଧାରଣଙ୍କ ସେବାରେ ନିୟୋଜିତ ରହିବାକୁ ପ୍ରତିଶ୍ରୁତିବଦ୍ଧ ।

## ଜୁନାଗଡ଼-୧ ଅଫ୍ ଲିକର ଦୋକାନ ସ୍ଥାନାନ୍ତର ଦାବିରେ ବ୍ୟବସାୟୀ ସଂଘର ସ୍ମାରକପତ୍ର

ଜୁନାଗଡ(ମହାଭାରତ),ଜୁନାଗଡ଼ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଅବସ୍ଥିତ ଜୁନାଗଡ଼-୧ ଅଫ୍ ଲିକର ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଜୁନାଗଡ଼ ବ୍ୟବସାୟୀ ସଂଘ ପକ୍ଷରୁ ଜିଲ୍ଲା ଏକ୍ସସାଇଜ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘର ସଭାପତି ମୁକେଶ ଅଗ୍ରୱାଲ ଓ ସମ୍ପାଦକ ପ୍ରଭାତ କୁମାର ଦାଶ ଜୁନାଗଡ଼ ଏକ୍ସସାଇଜ ଇନ୍‌ସପେକ୍ଟରଙ୍କ ଜରିଆରେ ଏହି ସ୍ମାରକପତ୍ର ଦାଖଲ କରିଥିଲେ ।ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଉକ୍ତ ମଦ ଦୋକାନ ନୂତନ ବସ୍‌ଷ୍ଟାଣ୍ଡ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ଥିବାରୁ ସ୍ଥାନୀୟ ବ୍ୟବସାୟୀ, ଯାତ୍ରୀ ଓ ସାଧାରଣ ଲୋକ ବିଭିଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୋକାନ ନିକଟରେ ମା' ଲଙ୍କେଶ୍ୱରୀ ମନ୍ଦିର ଥିବାରୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତଙ୍କ ଯାତାୟାତ ହେଉଥିବା ବେଳେ ମହିଳା, ଛାତ୍ରଛାତ୍ରୀ ଓ



ସାଧାରଣ ଲୋକଙ୍କର ନିୟମିତ ଯାତାୟାତ ମଧ୍ୟ ରହିଛି ।

## ଭେଜଙ୍ଗିଗୁଡା ପଞ୍ଚାୟତରେ କାଳବୈଶାଖୀ ତାଣ୍ଡବ: ବୃଦ୍ଧାଙ୍କ ଘର ଧ୍ୱଂସ



କାଳିମେଳା(ମହାଭାରତ): ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଭେଜଙ୍ଗିଗୁଡା ପଞ୍ଚାୟତର ଏମପିଭି-୩୯ ଗ୍ରାମରେ ଗତକାଲି ହୋଇଥିବା କାଳବୈଶାଖୀ ଝଡ଼ରେ ବ୍ୟାପକ କ୍ଷତି ହୋଇଛି । ଏହି ଝଡ଼ରେ ଗ୍ରାମର ବିଜଳୀ ରାଣୀ ବାଇନ (ବୟସ ୭୦)ଙ୍କ ଘର ଉପରେ ବଡ଼ ଗଛ ଭାଙ୍ଗି ପଡ଼ି ଘରଟି ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି ।ସୂଚନା ଅନୁଯାୟୀ, ଘରଟି ପୂରାପୂରି ଭାଙ୍ଗିପଡ଼ିଥିବାରୁ ବୃଦ୍ଧା ଜଣକ ଗୁରୁତର ଅସୁବିଧାରେ ପଡ଼ିଛନ୍ତି ।ସେ ପୂର୍ବରୁ କୌଣସି ଇନ୍ଦିରା ଆବାସ ଯୋଜନାର ଲାଭ ମଧ୍ୟ ପାଇନଥିବା ଅଭିଯୋଗ ହୋଇଛି ।ସ୍ଥାନୀୟ ଲୋକେ ପ୍ରଶାସନକୁ ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଏବଂ ଆବାସ ଯୋଜନାରେ ସମ୍ମିଳିତ କରିବାକୁ ଦାବି କରିଛନ୍ତି । ବର୍ତ୍ତମାନ ସେ ବୃଦ୍ଧା ଜଣକ ଅସ୍ଥାୟୀ ଭାବେ ପଡ଼ୋଶୀଙ୍କ ଆଶ୍ରୟରେ ରହୁଛନ୍ତି ।ପ୍ରଶାସନ ତରଫରୁ ଯଥାଶୀଘ୍ର ସର୍ଭେ କରି ସହାୟତା ଯୋଗାଇଦେବାକୁ ଆଶା କରାଯାଉଛି ।

## ଦିନ ଦ୍ୱିପହରରେ ଚାଲିଛି ଜୁଆଖେଳ

### ସବୁକିଛି ଜାଣି ଚୁପ ପୋଲିସ ପ୍ରଶାସନର ନଜର ପଡିବ କେବେ ?

ରାଇଘର(ମହାଭାରତ): ଦିନ ଦାହାଡ଼େ ଚାଲୁଛି ଜୁଆଖେଳ ହେଲେ କୁନ୍ଦେଇ ପୋଲିସ ପ୍ରଶାସନ ନିରବ ଦ୍ରଷ୍ଟା ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ଅଦ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ ଶିକ୍ଷାର ଅଭାବ ଓ ସଚେତନତା ଅଭାବ ଯୋଗୁଁ ଏଠାରେ ବସବାସ କରୁଥିବା ନିରିହ ଆଦିବାସୀ ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯୁବଗୋଷ୍ଠୀ ମଦ ପିଇ ମାତାଲ ରହୁଥିବା ବେଳେ ଜୁଆ ମାଫିଆ ମାନେ ଜୁଆରେ ସାଧାରଣ ଲୋକଙ୍କୁ ଜାବୁଡି ଧରି ଶୋଷଣ କରୁଛନ୍ତି ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁନ୍ଦେଇ ଥାନା ସାପ୍ତାହିକ ବଜାର ଗୁଡ଼ିକ ହେଲା ସୋମବାର ସର୍ଗିପାରା ଏବଂ ଆଦି ପାରା ମଝିରେ ବୁଲାଣୀ ପାଖ ଜଙ୍ଗଲ ସାଇଟରେ ଓ ବୁଧବାର ଦିନ ହିରୀ ବଜାରରେ ଦୁଇ ଜଣ ବ୍ୟକ୍ତି ୱାଟସୋପ ଗ୍ରୁପ ମାଧ୍ୟରେ ଲୋକଙ୍କୁ ଏକାଠି କରି ଜୁଆ ଖେଳାନ୍ତି । ଏବଂ ଦିନ କୁ ଦିନ ଯୁଆଡ଼ି ମାନଙ୍କ ଭିଡ଼ ଜମୁଥିବା ବେଳେ ନିରିହ ଆଦିବାସୀ ଜୁଆ ଖେଳି ସର୍ବହରା ହୋଇ ମୁହଁ ଶୁଖେଇ ଘରକୁ ଖାଲି ବେଗଧରି ଫେରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି । ଏବଂ ଘରେ ଘରେ ଅପ୍ରୀତିକର ପରିବେଶ



ମଧ୍ୟ ସୃଷ୍ଟି ହେଉଥିବା ଖବର ଆସୁଛି ଯୁଆଡ଼ି ମାନେ ପସରା ମେଲେଇ ବସୁଥିବା ବେଳେ ଗରିବ ଆଦିବାସୀ ଖଟିଖିଆ ଘରୁ ଧାନ, ଚାଉଳ, ଟଙ୍କା ପଇସା ଓ ଅନ୍ୟାନ୍ୟ ସାମଗ୍ରୀ ଘରୁ ଚୋରି କରି ଜୁଆରେ ବାଜି ଲଗେଇ ଦେଉଥିବା ସାଧାରଣରେ ଆଲୋଚନା ହେଉଛି ।ତେଣୁ ପୋଲିସ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ଦେଖା ଯାଉ କୁନ୍ଦେଇ ପୋଲିସ ପକ୍ଷରୁ କଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଲା ।

## ଗୌଡ଼ଗାଁରେ ପାଳିତ ହେଲା ବିଶ୍ୱ ପରିବେଶ ଦିବସ

କପ୍ତିପଦା(ମହାଭାରତ) :କପ୍ତିପଦା-କପ୍ତିପଦା ବ୍ଲକ ଅଧିନସ୍ଥ ଗୌଡ଼ଗାଁରେ ପ୍ରକୃତି ବନ୍ଧୁ ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଏବଂ ରେଡ଼କ୍ରସ ସଂଯୋଜକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି ।ଜଗତର ନାଥ ଜଗଓାଥ ତଥା ରେଡ଼କ୍ରସର ଜନ୍ମଦାତା ହେନେରୀ ଡୁନା□ ଙ୍କ ଫୋଟରେ ଅତିଥିଗଣ ଦୀପ, ଧୂପ, ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ଅତିଥି ପରିଚୟ ସହିତ ପ୍ରାରମ୍ଭିକ ଅଭିଭାଷଣରେ ଛାତ୍ର ଛାତ୍ରୀ ତଥା ଗ୍ରାମବାସୀଙ୍କୁ ପ୍ଲାଷ୍ଟିକ ବ୍ୟବହାର କମାଇବାକୁ ଜଳ, ବିଦ୍ୟୁତ ଓ ପ୍ରାକୃତିକ ସମ୍ପଦର ସଠିକ ବ୍ୟବହାର ତଥା ବୃକ୍ଷ ରହିଲେ ପରିବେଶ ରହିବ ଓ ପରିବେଶ ରହିଲେ ଜୀବ ଜଗତ ବଞ୍ଚିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ନି ଘରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଗୌଡ଼ଗାଁର ଅନୁଷ୍ଠାନ ପ୍ରେମୀ ତଥା ଶିକ୍ଷାବିତ, ଦରଦୀ ବନ୍ଧୁ, ପ୍ରକୃତି ପ୍ରେମୀ ପ୍ରତାପଚନ୍ଦ୍ର ସାହୁ ଯୋଗ ଦେଇ ସମସ୍ତ ଗ୍ରାମବାସୀ ଛାତ୍ର ଛାତ୍ରୀମାନଙ୍କୁ ପରିବେଷ ଦିବସର ମହ□ ତଥା ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇର୍ ଅଧିକରୁ ଅଧିକ ଗଛ ଲଗାଇବା ସହିତ ସେ ଗୁଡ଼ିକର ଯତ୍ନ ନେଲେ ଆଗାମୀ ପିଢ଼ୀ ଏକ ସୁନ୍ଦର ଏକ ସ୍ୱଚ୍ଛ ସବୁଜ ପୃଥିବୀ ଗି ତୋଳିବାର ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଆଦର୍ଶ ଶିକ୍ଷକ ସିଙ୍ଗରାଏ ମୁର୍ମୁ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ନାୟକ, ରତ୍ନାକର ମଣ୍ଡଳ, କପ୍ତିପଦା ବନରକ୍ଷୀ ଲମ୍ବୋଦର ମହାନ୍ତ, ହୃଷିକେଶ ବେହେରା, ରେଡ଼କ୍ରସ କାଉନସିଲର କୃଷ୍ଣ ଚନ୍ଦ୍ର ସାହୁ, ନିର୍ମଳ ମହାଳିକ, ବୁଦ୍ଧିରାମ ଗିରି ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ 'ମାଆ ପାଇଁ ଗଛଟିଏ' ଆହ୍ୱାନ ଦେଇ ବୃକ୍ଷ ରୋପର କରିବାକୁ କହିଥିଲେ । ଗୌଡ଼ଗାଁ ବିଦ୍ୟା ମନ୍ଦିରମର ଶିକ୍ଷୟିତ୍ରୀ ସସ୍ମିତା ସାହୁ ସମସ୍ତ ଅତିଥି ବୃନ୍ଦ, ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କୁ ବିଶ୍ୱ ପରିବଶେ ଦିବସର ଶପଥ ପାଠ କରାଇଥିଲେ ।ସମସ୍ତ ଅତିଥି ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ହୃଦାନନ୍ଦ ପାଢ଼ୀ ଓ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିବା ବେଳେ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ପରିବେଶ ଦିବସରେ କୁସୁମଗୁଡ଼ା ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନିଆ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଲକ୍ଷ୍ମୀପୁର(ମହାଭାରତ): ବିଶ୍ୱ ପରିବେଶ ଦିବସ ଅବସରରେ କୁସୁମଗୁଡ଼ା ଉଚ୍ଚ ବିଦ୍ୟାଳୟ, କୁସୁମଗୁଡ଼ାରେ ଦୁଇ ଦିନିଆ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲାୟ ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ସୁଜିତ ଖୋସ୍ଲା ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଦୁଇ ଦିନ ଧରି ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଫଳଦାୟକ, ଔଷଧୀୟ ଓ ଛାୟାପ୍ରଦ ବୃକ୍ଷର ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କୈଳାସ କୁଲେଶିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହାସହ ବିଦ୍ୟାଳୟର ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ବିଶୋଇ ଓ ପରିଚାଳନା କମିଟି ସଦସ୍ୟ ଲିଙ୍ଗରାଜ ବିଶୋଇ ଉପସ୍ଥିତ ରହି ଚାରା ରୋପଣ କରିଥିଲେ ଏବଂ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା, ଗ୍ରାମର ଭଦ୍ରବ୍ୟକ୍ତି, ଅଭିଭାବକ,ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପରିବେଶ ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ଗଢ଼ି ତୋଳିବାରେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା

## ଦଶପଲ୍ଲାରେ ମହିଳାଙ୍କୁ ନିର୍ମମ ହତ୍ୟା

# ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଗିରଫ, କ୍ରାଇମ୍ ସିନ୍ ରିକ୍ରିଏସନ୍

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତ ନିକଟବର୍ତ୍ତୀ ଅଞ୍ଚଳରେ ଜଣେ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା ମୃତ ମହିଳା ଜଣକ ସ୍ଥାନୀୟ ଅଞ୍ଚଳର ନିରୁପମା ସ୍ୱାଇଁ ବୋଲି ଚିହ୍ନଟ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ପୋଲିସ ସଫଳ ହୋଇଛ । ଏହି ସମ୍ବେଦନଶୀଳ ଘଟଣାରେ ଦଶପଲ୍ଲା ଥାନାରେ କେସ୍ ନଂ ୧୩୯ ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଏସଡ଼ିପିଓ ସୃଷ୍ଟି ପ୍ରଧାନ ଏବଂ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଘଟଣାର ସଠିକ୍ ଯାଞ୍ଚ ପାଇଁ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁରର ସହାୟତା ନିଆଯାଇ ବିଭିନ୍ନ ଦିଗକୁ ନେଇ ଅଧିକ ଖୋଳତାଡ଼ କରାଯାଇଥିଲା । ପୋଲିସର ସନ୍ଦେହ ହେବାରୁ ସ୍ଥାନୀୟ ଝୁଲୁ ବାରିକ ନାମକ ଜଣେ ବ୍ୟକ୍ତିକୁ ଉଠାଇ ଆଣି ପଚରାଉଚରା କରାଯାଇଥିଲା । ପୋଲିସର ଜେରା ଆଗରେ ଅଭିଯୁକ୍ତ ଝୁଲୁ ନିଜର ଅପରାଧ ସ୍ୱୀକାର କରିବା ସହ ନିରୁପମାଙ୍କୁ ହତ୍ୟା କରିଥିବା




ମାନିଥିଲା । ଶୁକ୍ରବାର ଦିନ ଅଭିଯୁକ୍ତ ଝୁଲୁ ବାରିକକୁ ସାଙ୍ଗରେ ନେଇ ପୋଲିସ ଘଟଣାସ୍ଥଳରେ 'କ୍ରାଇମ୍ ସିନ୍ ରିକ୍ରିଏସନ୍' କରିଥିଲାୟ ଅଭିଯୁକ୍ତ କିଭଳି ହତ୍ୟାକାଣ୍ଡ ଭିଆଇଥିଲା, ତାହା ପୋଲିସ ଆଗରେ କରି ଦେଖାଇଥିଲା । ଏହି ସମୟରେ ଘଟଣା ସ୍ଥଳରେ ଫୋପାଡ଼ି ଦିଆଯାଇଥିବା ମୋବାଇଲ ଫୋନକୁ ମଧ୍ୟ ପୋଲିସ ଜବତ କରିଛି । ମାତ୍ର ଗୋଟିଏ ଦିନ ଭିତରେ ହତ୍ୟାକାରୀକୁ ଧରିବାରେ ସକ୍ଷମ ହୋଇଥିବାରୁ ଦଶପଲ୍ଲା ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ଏବଂ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି ।

## ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



### ଖବର

## କୁମୁଡା ପାହାଡ଼ରେ ବିରାଜିତ ବାବା ଧବଳେଶ୍ୱର



ଟିଟିଲାଗଡ଼ ସହରର ଦକ୍ଷିଣ ଦିଗରେ ରହିଛି ଐତିହାସିକ କୁମୁଡା ପାହାଡ଼ । ଜନଶ୍ରୁତି ଅନୁସାରେ ଏହି କୁମୁଡା ପାହାଡ଼ ବଲାଙ୍ଗୀର ବା ପାଟଣା ରାଜ୍ୟର ଦୁର୍ଗ ଭଳି କାମ କରୁଥିଲା । ପ୍ରାୟ ଦୁଇଶହ ବର୍ଷ ପୂର୍ବେ ବଲାଙ୍ଗୀର ଓ କଳାହାଣ୍ଡି ସୀମାରେ ଥିବା ଏହି ପାହାଡ଼ ଅଞ୍ଚଳରେ କନ୍ଧ ଆଦିବାସୀମାନେ ଦେବୀପୂଜା କରି ବଳି ଦେଉଥିଲେ । ଏହି ବଳି ଯାତ୍ରା ଦେଖିବାକୁ ଆସିଥିବା ଅନ୍ତରାମ ପାଢ଼ୀ ନାମରେ ଜଣେ ବ୍ରାହ୍ମଣ ପାହାଡ଼ର ଗୁମ୍ଫାରେ ଶିବଲିଙ୍ଗକୁ ଆବିଷ୍କାର କରିଥିଲେ । ସେହି ଦିନ ଠାରୁ ତାଙ୍କ ବଂଶଧରମାନେ ଏହି ଶିବଲିଙ୍ଗକୁ ପୂଜା କରି ଆସୁଛନ୍ତି ।ଯିଏ ବାବା ଧବଳେଶ୍ୱର ଭାବେ ବିରାଜିତ। ଧବଳେଶ୍ୱର ମନ୍ଦିରକୁ ଯାଇ ପୂଜା କରିବା ଶ୍ରଦ୍ଧାଳୁଙ୍କ ପାଇଁ ସେତେ ସହଜ ନ ଥିଲା । ଗୁମ୍ଫା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥିଲା । ପରେ ଜଣେ ଶିଳ୍ପପତି ପାହାଡ଼କୁ ଖୋଦେଇ କରି ଛିଡା ହୋଇ ଯିବା ଆସିବା ପାଇଁ ସୁବିଧା କରିଥିଲେ ।ଆଜି ବି ମନ୍ଦିର ଭିତରେ ଅନେକ ଅନାବିସ୍କୃତ ଗୁମ୍ଫା ଦେଖିବାକୁ ମିଳେ । ବର୍ତ୍ତମାନ କିନ୍ତୁ ମନ୍ଦିରର ଅନେକ ପରିବର୍ତ୍ତନ ଆସିଲାଣି । ପ୍ରତ୍ନତ□ ବିଭାଗ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଇଛି । ବାବାଙ୍କ ପୀଠରେ ମହା ଶିବରାତ୍ରି ମେଳା ବେଶ ପ୍ରସିଦ୍ଧ ।୮ ଦିନ ଧରି ଚାଲୁଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମେ ।ଶ୍ରାବଣ ସୋମବାରରେ ମଧ୍ୟ କାଉଡିଆ ଓ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ ।ଯ ବାବାଙ୍କୁ ଭସ୍ମ ଆରତୀ ମଧ୍ୟ କରାଯାଉଛି । ଯାହା ଦେଖିଲେ ଆଖି ଲାଖିଯାଏ

## ଅନିତ୍ୟ ଜଗତରେ ଭଗବାନ ହିଁ ନିତ୍ୟ

ଆମ ଦେଶର ପ୍ରାଚୀନ ଋଷିଗଣ ଭଗବାନଲାଭକୁ ହିଁ ଜୀବନର ଲକ୍ଷ୍ୟ ବୋଲି କହି ଯାଇଛନ୍ତି। ଦୁଃଖ-କଷ୍ଟର ଅବସାନ ପାଇଁ ନିଜର ସ୍ୱରୂପ ଉପଲବ୍ଧି କରି ଶାନ୍ତି ଲାଭ କରିବା ପାଇଁ ସେମାନେ ଏହି ଆଦର୍ଶକୁ ଆମମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି। ଏହି ଆଦର୍ଶ ଏତେ ପ୍ରାଣସ୍ପର୍ଶୀ ଯେ, ଏ ଦେଶର ଅସଂଖ୍ୟ ଉଚ୍ଚସ୍ତରର ମନୁଷ୍ୟ, ଏପରିକି ଅନେକ ରାଜା, ରାଜକୁମାର ଏବଂ ଜୀବନର ବିଭିନ୍ନ କ୍ଷେତ୍ରରେ ଅତି ଉନ୍ନତ ବ୍ୟକ୍ତିମାନଙ୍କ ହୃଦୟରେ ମଧ୍ୟ ତାହା ରେଖାପାତ କରିଛି। ସେମାନେ ସମସ୍ତେ ଭଗବାନଲାଭ ପାଇଁ ସର୍ବସ୍ୱ ତ୍ୟାଗ କରିଛନ୍ତି। ସେମାନେ ବୁଝିଥିଲେ, ଜଗତରେ କୌଣସି ବସ୍ତୁ ଚିରସ୍ଥାୟୀ ନୁହେଁ, ସମସ୍ତ ହିଁ ପରିବର୍ତ୍ତନଶୀଳ ଏବଂ ଏକମାତ୍ର ଭଗବାନ ହିଁ ନିତ୍ୟ ସତ୍ୟ। ଶ୍ରୀରାମକୃଷ୍ଣ କହୁଥିଲେ, 'ଯଦି ଜାଣନ୍ତି ଯେ ଜଗତଟା ନିତ୍ୟ, ତା'ହେଲେ କାମାରପୁକୁରକୁ ସୁନାରେ ଛାଉଣି କରିଦେଇ ଯାଆନ୍ତି। କିନ୍ତୁ ଦେଖୁଛି, ଜଗତଟା ଅନିତ୍ୟ।'

ରୂପ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜନୈକ ବିଶିଷ୍ଟ ଶିଷ୍ୟ, ବୃନ୍ଦାବନରେ ବାସ କରୁଥିଲେ; ତାଙ୍କ ଭାଇ ବଙ୍ଗଳା ନବାବଙ୍କର ମନ୍ତ୍ରୀ ଥିଲେ ଏବଂ ବିଷୟ ସମ୍ପତ୍ତିରେ ବିଶେଷ ଭାବେ ଜଡ଼ିତ ହୋଇପଡ଼ିଥିଲେ। ତାଙ୍କ ପ୍ରତି ସ୍ନେହ ପରବଶ ହୋଇ ସେ ତାଙ୍କୁ ଗୋଟିଏ ଶ୍ଳୋକ ଲେଖି ପଠାଇଲେ, ଯାହାର ଅର୍ଥ ହେଲା; ଭାବିଦେଖ, ସେ ଅଯୋଧ୍ୟାପୁରୀ ବା କେଉଁଠି, ସେ ଦ୍ୱାରିକାପୁରୀ ବା କେଉଁଠି ? ପ୍ରକୃତରେ ଜାଣିବ ଏକମାତ୍ର ଭଗବାନଙ୍କ ବ୍ୟତୀତ ଜଗତରେ ଅନ୍ୟ ସବୁ ଅନିତ୍ୟ। ଏଥିରେ ତାଙ୍କ ଭାଇଙ୍କର ଆଖି ଖୋଲିଗଲା; ସେ ବଙ୍ଗଳାର ମନ୍ତ୍ରୀତ୍ୱ ଛାଡ଼ି ବୃନ୍ଦାବନକୁ ଚାଲିଗଲେ ଏବଂ ଭଗବାନଙ୍କୁ ପ୍ରତ୍ୟକ୍ଷ କରିବା ପାଇଁ ସାଧନାରେ ମଗ୍ନ ହେଲେ। ଏହି ଆଦର୍ଶ ଚିରଦିନ ଭାରତବାସୀଙ୍କ ମନରେ ରେଖାପାତ କରିଆସୁଛି। ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, 'ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍।' 'ଯେଉଁ ଜଗତକୁ ଆସିଛ ତାହା ଅନିତ୍ୟ, ଆନନ୍ଦହୀନ, ମୋର ଭଜନ କର।' ପ୍ରକୃତରେ ଦେଖାଯାଉଛି, ଆମର ଶାସ୍ତ୍ର, ଋଷି, ଅବତାର ଓ ଆଚାର୍ଯ୍ୟଗଣ ସମସ୍ତେ ହିଁ କହିଛନ୍ତି - ବୈଷୟିକ ଜୀବନରେ ଶାନ୍ତିର ଆଶା କରନାହିଁ। ତା'ଠାରୁ ଅଲଗା ରହି ଆତ୍ମସ୍ୱରୂପ ଉପଲବ୍ଧି କରିବାକୁ ଏବଂ ଶାନ୍ତି ଲାଭ କରିବାକୁ ଚେଷ୍ଟା କର। ବିଷୟାବଦ୍ଧ ଜୀବନରେ କେବେ ହେଲେ ଶାନ୍ତି ଲାଭ ହୋଇପାରେ ନାହିଁ।

## ଶୋଇବାର ୩୦ ମିନିଟ ପୂର୍ବରୁ ଫୋନରୁ ଦୂରେଇ ରୁହନ୍ତୁ



ଗତ କିଛି ବର୍ଷର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ, ପୂର୍ବେ ଲୋକ ଗପ ବହି, ପତ୍ରିକା ପଢ଼ି ଶୋଉଥିଲେ। ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ଦେଖିଦେଖି ଶୋଇଥାନ୍ତି। କେହି ସୋସିଆଲ୍ ସାଇଟରେ ଅନ୍-ଲାଇନ୍ ରହିବାବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି। ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ। ନଚେତ ଆଗାମୀ ଦିନରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ। ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ।

● ୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ୍ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ। ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ୍' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ। ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ୍ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ୍ୟ ଲାଗେ।

● ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ। ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର୍ ହେବାର ଆଶଙ୍କା ବଢ଼େ। ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ୍ୟ କ୍ରମଶଃ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

● ୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ୍ ରଖି ଶୋଇପଡ଼ିଥିଲେ। ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା।

● ୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା। ଜଣେ ଯୁବକ ନିଜ ସ୍ମାର୍ଟଫୋନ୍ଟୁ ଖଟ ଉପରେ ରଖି ଚାର୍ଜିଂ କରୁଥିବାବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା।

## ଭଗବାନ ଶିବଙ୍କ ତପସ୍ୟା କରି ମହାନ ବରଦାନ ପାଇଥିଲେ ଶନିଦେବ

ହିନ୍ଦୁ ଧର୍ମରେ ଶନିଦେବଙ୍କୁ ସୂର୍ଯ୍ୟ ତଥା କର୍ମଫଳ ଦାତା ବୋଲି କୁହାଯାଏ। ଶନିଦେବଙ୍କୁ ନ୍ୟାୟମୂର୍ତ୍ତି ମଧ୍ୟ କୁହାଯାଏ। ଶନିଦେବଙ୍କ ସମ୍ପର୍କରେ ଲୋକଙ୍କ ମନରେ ଅନେକ ଭ୍ରାନ୍ତ ଧାରଣା ରହିଛି। ସେଥିପାଇଁ ଅନେକ ଲୋକ ଶନିଦେବଙ୍କୁ ମାରକ, ଅଶୁଭ ଏବଂ ଦୁଃଖର କାରକ ବୋଲି କହିଥାନ୍ତି। କଶ୍ୟପ ଗୋତ୍ରୀୟ ଶନିଦେବଙ୍କ ମାତା ସୂର୍ଯ୍ୟ ପତ୍ନୀ ଛାୟାୟ ପୌରାଣିକ କଥା ଅନୁସାରେ ଶନିଦେବଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସିଙ୍ଗାଣାପୁରରେ। ମହର୍ଷି କଶ୍ୟପ ଶନି ସ୍ତୋତ୍ରର ଏକ ମନ୍ତ୍ରରେ ସୂର୍ଯ୍ୟ ପୁତ୍ର ଶନିଦେବଙ୍କୁ ମହାବେଳୀ ଓ ଗ୍ରହମାନଙ୍କ ରାଜା ବୋଲି କହିଛନ୍ତି।

ସୌରିଗ୍ରହରାଜେ ମହାବଳ: ପୌରାଣିକ ମାନ୍ୟତା ଅନୁସାରେ ଶନିଦେବ ଭଗବାନ ଶିବଙ୍କ ଭକ୍ତି ଓ ତପସ୍ୟା କରି



ନବଗ୍ରହରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରାପ୍ତ କରିଛନ୍ତି। ପୌରାଣିକ ବିଶ୍ୱାସ ଅନୁଯାୟୀ, ଭଗବାନ ସୂର୍ଯ୍ୟ ନିଜ ପତ୍ନୀ ଛାୟାଙ୍କ ପାଖକୁ ଯାଇଥିଲେ। ସୂର୍ଯ୍ୟଙ୍କ ପ୍ରକାଶ ଓ ଉଜ୍ଜ୍ୱଳ କିରଣ ଯୋଗୁଁ ତାଙ୍କ ପତ୍ନୀ ଆଖି ବନ୍ଦ କରିଦେଲେ। ସେଥିପାଇଁ ତାଙ୍କୁ ଶ୍ୟାମଳ ବର୍ଣ ପୁତ୍ର ଶନିଦେବ ପ୍ରାପ୍ତ ହୋଇଥିଲେ। ଶନିଦେବଙ୍କ ଶ୍ୟାମଳ ବର୍ଣ ଦେଖି ସୂର୍ଯ୍ୟ ଛାୟାଙ୍କ ଉପରେ ଆରୋପ ଲଗାଇଲେ ଯେ ସେ ତାଙ୍କ ପୁତ୍ର ନୁହେଁ। ସେଥିପାଇଁ ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧିତ ହୋଇଗଲେ। ଏହାପରେ ଶନିଦେବ ଭଗବାନ ଶିବଙ୍କ ଘୋର ତପସ୍ୟା କଲେ ଓ ନିଜ ଶରୀରକୁ କାଳିଦେଲେ। ଭଗବାନ ଶିବ ଶନିଦେବଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ତାଙ୍କୁ ବର ମାଗିବାକୁ କହିଥିଲେ। ଶନିଦେବ ବର ମାଗିଥିଲେ ଯେ ଯୁଗ ଯୁଗ ଧରି ତାଙ୍କ ମାତା ଛାୟାଙ୍କ ପରାଜୟ ହେଉଛି। ତାଙ୍କ ମାତା ପିତା ସୂର୍ଯ୍ୟଙ୍କ ଦ୍ୱାରା ଲଗାତାର ନିର୍ଯ୍ୟାତିତ ହେଉଛନ୍ତି। ସେଥିପାଇଁ ସେ ନିଜ ପିତାଙ୍କ ଠାରୁ ଅଧିକ ପୂଜ୍ୟ ହେବାକୁ ଚାହୁଁଛନ୍ତି । ଯେପରି ତାଙ୍କ ଅହଂକାର ଭାଙ୍ଗିଯିବ ବୋଲି ସେ ଶିବଙ୍କୁ କହିଥିଲେ। ଭଗବାନ ଶିବ ଶନିଦେବଙ୍କୁ ବରଦାନ ଦେଇଥିଲେ ଯେ ଶନିଦେବ ନବଗ୍ରହଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେବେ। ପୃଥିବୀଲୋକରେ ନ୍ୟାୟାଧୀଶ ଏବଂ ଦଣ୍ଡାଧିକାରୀ ହେବେ ଏବଂ ଲୋକଙ୍କ କର୍ମ ଅନୁଯାୟୀ ନ୍ୟାୟ ଓ ଦଣ୍ଡ ଦେବେ। ମତ୍ସ୍ୟ ପୁରାଣରେ ଶନିଦେବଙ୍କ ରୂପ ବର୍ଣ୍ଣନା କରାଯାଇଛି। ତାଙ୍କ ଶରୀର ନୀଳମଣି ସହ ସମାନ। ସେ ଶାଗୁଣା ଉପରେ ବସନ୍ତି। ତାଙ୍କର ଗୋଟିଏ ହାତରେ ଧନୁସର ଓ ଅନ୍ୟ ହାତରେ ବରମୁଦ୍ରାରେ ଥାଆନ୍ତି। ଶନିଦେବ ସର୍ବଦା ନିଜ ଭକ୍ତଙ୍କୁ ସାହାଯ୍ୟ କରନ୍ତି, ନିଜ ଭକ୍ତଙ୍କ ଡାକ ଶୁଣନ୍ତି। ଦେଶର ଅନେକ ସ୍ଥାନରେ ଶନିଦେବଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ଶନିବାର ଦିନ ଭକ୍ତ ଶନିଦେବଙ୍କୁ ଦର୍ଶନ କଲେ ଶନିଦେବ ଭକ୍ତଙ୍କ କଷ୍ଟ ଦୂର କରିଥାନ୍ତି।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:
ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:
ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି:
ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:
ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:
ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ଭାରତ ୫୬୪/୮, ଆଫଗାନିସ୍ତାନ ୧୧୩/୫

## ପଦାର୍ପଣ ମ୍ୟାଚ୍‌ରେ ମାନବ ସୂତାରଙ୍କ କମାଲ, ନେଲେ ୩ ୱିକେଟ୍





ନ୍ୟୁ ଚଣ୍ଡିଗଡ : ଶନିବାରଠାରୁ ନ୍ୟୁ ଚଣ୍ଡିଗଡରେ ଖେଳାଯାଉଛି ଭାରତ ଓ ଆଫଗାନିସ୍ତାନ ମଧ୍ୟସ୍ଥ ପ୍ରଥମ ଟେଷ୍ଟ । ଏହି ମ୍ୟାଚ୍ ଜରିଆରେ ଟେଷ୍ଟ ଡେବ୍ୟୁ କରିଥିବା ସ୍ପିନର ମାନବ ସୂତାର ବିଆ ପ୍ରଦର୍ଶନ କରିଛନ୍ତି । ପଦାର୍ପଣ ମ୍ୟାଚ୍‌ରେ ଆଜି ସେ ୩ଟି ୱିକେଟ୍ ନେଇଛନ୍ତି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆଜି ୮ ୱିକେଟ୍ ହରାଇ ୫୬୪ ରନ୍ କରିଥିବା ବେଳେ ପାଳି ଘୋଷଣା କରିଥିଲା । ଏହା ପରେ ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଥିଲା ଆଫଗାନିସ୍ତାନ । ଦୁଇ ଓପନର ଅବଦୁଲ ମଲିକ ଓ ସେଦିକୁଲ୍ଲା ଅଟଳ ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ଦିଗରେ ଅଗ୍ରସର ହେଉଥିବା ବେଳେ ପ୍ରଥମ ବ୍ରେକ୍ ଦେଇଥିଲେ ପଦାର୍ପଣକାରୀ (ଡେବ୍ୟୁଟାଣ୍ଟ) ମାନବ ସୂତାର । ସେ ତାଙ୍କ ପ୍ରଥମ ଓଭରରେ ଓପନର ଅବଦୁଲ ମଲିକଙ୍କୁ ଆଉଟ୍ କରିଥିଲେ । ତାଙ୍କ ବଲ୍‌ରେ ମହମ୍ମଦ ସିରାଜଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ ଅବଦୁଲ ମଲିକ । ସେ ୧୮ଟି ବଲ୍‌ରୁ ୩ ଚୌକା ସହାୟତାରେ ୧୬ ରନ୍ କରିଥିଲେ ।ମାନବଙ୍କ ଦ୍ୱିତୀୟ ଶିକାର ବନିଥିଲେ ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ରହମନୁଲ୍ଲା ଗୁରବାଜ । ମାନବଙ୍କ ବଲରେ ସେ ସାଇ ସୁଦର୍ଶନଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ । ସେହିପରି ତୃତୀୟ ୱିକେଟ୍ ଭାବେ ସେ ଅଫସର ଜଜାଇଙ୍କୁ ଆଉଟ୍ କରିଥିଲେ । ଅଫସର ତାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ ।ଏହା ସହିତ ଆଜି ଖେଳ ଶେଷ ସୁଦ୍ଧା ଆଫଗାନିସ୍ତାନ ୫ ୱିକେଟ୍ ହରାଇ ୧୧୩ ରନ୍ କରିଛି । ଦଳ ଆହୁରି ୪୫୧ ରନ୍ ପଛରେ ରହିଛି । ମାନବ ୩ଟି ୱିକେଟ୍ ନେଇଥିବା ବେଳେ ଅନ୍ୟ ୨ଟି ୱିକେଟ୍ ନେଇଛନ୍ତି ପ୍ରସିଦ୍ଧ କ୍ରିଷ୍ଣା । ରହମତ ଶାହ ୪୩ (୮୧ ବଲ୍, ୬ ଚୌକା ଓ ୧ ଛକା) ରନ୍ କରି ଅପରାଜିତ ଅଛନ୍ତି ।

ଆଫଗାନିସ୍ତାନ ବିପକ୍ଷରେ ନ୍ୟୁ ଚଣ୍ଡିଗଡରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିବସରେ ଭାରତ ଇନିଂସ ଘୋଷଣା କରିଛି । ୮ ୱିକେଟ୍ ହରାଇ ୫୬୪ ରନ୍ କରି ଦଳ ତା'ର ପ୍ରଥମ ପାଳି ଘୋଷଣା କରିଛି । ଗତକାଲି ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଦଳ ୩ ୱିକେଟ୍ ହରାଇ ୩୬୮ ରନ୍ କରିଥିଲା । ଯଶସ୍ୱୀ ଜୈସୱାଲ ୨୪, କେଏଲ ରାହୁଲ ୧୦୦ ଓ ସାଇ ସୁଦର୍ଶନ ୮୧ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟକ ଶୁବମନ ଗିଲ ୧୦୩ ଓ ୱିକେଟ୍ କିପର ଋଷଭ ପନ୍ତ ୫୦ ରନ୍ କରି ଅପରାଜିତ ରହିଥିଲେ ।

ଏହି ଦୁଇ ବ୍ୟାଟର ଆଜି ଦଳର ଇନିଂସକୁ ଆଗେଇ ନେଇଥିଲେ । ଶୁବମନ ଗିଲ ଆଉ ୨୩ ରନ୍ କରି ଯୋଡି ଆଉଟ୍ ହୋଇଯାଇଥିଲେ । ସେ ୧୭୭ଟି ବଲ୍‌ରୁ ୧୫ ଚୌକା ଓ ଗୋଟିଏ ଛକା ବଳରେ ୧୨୬ ରନ୍ କରିଥିଲେ । ସେହିପରି ଋଷଭ ପନ୍ତ ୧୨୧ଟି ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୮୧ ରନ୍ କରି ଆଉଟ୍ ହୋଇଯାଇଥିଲେ । ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ୱାଶିଂଟନ ସୁନ୍ଦର ସତରେ ଏକ ସୁନ୍ଦର ଇନିଂସ ଖେଳିଥିଲେ । ସେ ୬୮ଟି ବଲ୍‌ରୁ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୫୨ ରନ୍ କରି ଅପରାଜିତ ରହିଥିଲେ । ଧ୍ରୁବ ଜୁରେଲ ୧୯ ରନ୍ କରି ଆଉଟ୍ ହୋଇଥିବା ବେଳେ ପଦାର୍ପଣ ମ୍ୟାଚ୍‌ରେ ମାନବ ସୂତାର ୨୮ ରନ୍ କରି ଆଉଟ୍ ହୋଇଥିଲେ । ମହମ୍ମଦ ସିରାଜ ୧୨ଟି ବଲ୍‌ରୁ ୨୨ ରନ୍ କରିଥିବା ବେଳେ କୁଲଦୀପ ଯାଦବ ୯ ରନ୍ କରି ଅପରାଜିତ ରହିଥିଲେ । ଆଫଗାନିସ୍ତାନ ତରଫରୁ ମହମ୍ମଦ ସଲୀମ ୬ଟି ୱିକେଟ୍ ନେଇଥିବା ବେଳେ ହଶମତୁଲ୍ଲା ଶାହିଦୀ ଓ ଜିଆଉର ରହମାନ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି ।

## ବିରାଟ କୋହଲିଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କଲା ବିସିସିଆଇ

ନୂଆଦିଲ୍ଲୀ : ଆଗାମୀ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜରୁ ଟିମ ଇଣ୍ଡିଆର ଭେଟେରାନ ବିରାଟ କୋହଲି ବାଦ ପଡିଛନ୍ତି । ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ନେଇ ସାରିଥିବା ବିରାଟ ୨୦୨୭ ଦିନିକିଆ ବିଶ୍ୱକପ ଉପରେ ନଜର ରଖିଛନ୍ତି । ଏଥିପାଇଁ ବିସିସିଆଇ ତାଙ୍କୁ ଆଫଗାନ ବିପକ୍ଷ ସିରିଜରେ ସାମିଲ କରିଥିଲା । ହେଲେ ମାଂସପେଶୀ ଜନିତ ସମସ୍ୟା କାରଣରୁ ସେ ପୂରା ସିରିଜକୁ ବାଦ ପଡିଛନ୍ତି । ଶନିବାର ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏ ସମ୍ପର୍କରେ ସ୍ପଷ୍ଟ କରିବା ସହ ବିରାଟଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କରିଛନ୍ତି । ଆଫଗାନ ବିପକ୍ଷ ଦିନିକିଆ ସିରିଜରେ ବିରାଟଙ୍କ ସ୍ଥାନ ନେଇଛନ୍ତି ଯୁବ ବ୍ୟାଟର ଯଶସ୍ୱୀ ଜୈସୱାଲ । ତାଙ୍କୁ ବିସିସିଆଇ ଆଫଗାନ ବିପକ୍ଷ ସ୍କ୍ୱାଡରେ ସାମିଲ କରିଛି । ଆଜି ବିସିସିଆଇ ପକ୍ଷରୁ ଆୟର୍ଲାଣ୍ଡ, ଇଂଲଣ୍ଡ ଓ ଏସିଆନ ଗେମ୍ସ ପାଇଁ ଭାରତୀୟ ଟି-୨୦ ସ୍କ୍ୱାଡ ଘୋଷଣା କରାଯାଇଛି । ଜୈସୱାଲ ଟି-୨୦ ସ୍କ୍ୱାଡରେ ସ୍ଥାନ ପାଇ ନଥିଲେ ହେଁ ଆଫଗାନି ବିପକ୍ଷ ଦିନିକିଆ ସିରିଜରେ ବଦଳ ଖେଳାଳି ଭାବେ ସୁଯୋଗ ପାଇଛନ୍ତି । ଜୈସୱାଲ ଆଜି ଠାରୁ ଆରମ୍ଭ ହୋଇଥିବା ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ଖେଳୁଛନ୍ତି । ଅନ୍ୟପକ୍ଷରେ ବିସିସିଆଇ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିନାହିଁ । କୁହାଯାଉଛି ଯେ ବିରାଟ ଇଂଲଣ୍ଡ ବିପକ୍ଷ ୩ ଟିକିଆ ଦିନିକିଆ ସିରିଜରେ ମଧ୍ୟ ଖେଳି ନ ପାରନ୍ତି । ତାଙ୍କୁ ସଂପୂର୍ଣ୍ଣ ଫିଟ ହେବାକୁ ଅଧିକ ସମୟ ଲାଗି ପାରେ । ବିରାଟଙ୍କ ମାଂସପେଶୀରେ ଫୁଲା ରହିଛି । ଏଥିପାଇଁ ଯଦିଓ ସର୍ଜରୀର ଆବଶ୍ୟକତା ନାହିଁ, କିନ୍ତୁ ସଂପୂର୍ଣ୍ଣ ଫିଟ ହେବାକୁ ୬ ସପ୍ତାହ ସମୟ ଲାଗିବ । ଏହା ମଧ୍ୟରେ ରି-ହାବ ପ୍ରକ୍ରିୟା ବି ରହିଛି ।

## କ୍ୟାପ୍‌ଟେନ ପଦରୁ ସ୍କାଏ ବିଦା, ଶ୍ରେୟସ ନୂଆ ଅଧିନାୟକ: ସୂର୍ଯ୍ୟବଂଶୀଙ୍କୁ ମିଳିଲା ସୁଯୋଗ



ନୂଆଦିଲ୍ଲୀ : ଖରାପ ଫର୍ମ ଦେଇ ଗତି କରୁଥିବା ବିଶ୍ୱ ବିଜେତା ଭାରତୀୟ ଟି-୨୦ କ୍ରିକେଟ ଟିମର ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ । ସ୍କାଏଙ୍କୁ ବିଧିବଦ୍ଧ ଭାବେ ଭାରତୀୟ ଟି-୨୦ ଟିମର କ୍ୟାପ୍‌ଟେନ ପଦରୁ ବିଦା କରି ଦେଇଛି ବିସିସିଆଇ । ତାଙ୍କ ବଦଳରେ ଶ୍ରେୟସ ଆୟର ହୋଇଛନ୍ତି ଭାରତୀୟ ଟି-୨୦ ଟିମର ନୂଆ ଅଧିନାୟକ ।

ସେହିପରି ଅକ୍ଷର ପଟେଲଙ୍କ ସ୍ଥାନରେ ତିଳକ ବର୍ମା ଭାରତୀୟ ଟି-୨୦ ଟିମର ନୂଆ ଉପ ଅଧିନାୟକ ହୋଇଛନ୍ତି । ଏଥିସହ ଏହି ଟିମରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ରହିଛନ୍ତି । ପ୍ରଥମଥର ପାଇଁ ସୂର୍ଯ୍ୟବଂଶୀଙ୍କୁ ଭାରତୀୟ ସିନିୟର ଟିମ ପାଇଁ ଚୟନ କରାଯାଇଛି । ସେ ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ପାଇଁ ଚୟନ ସିନିୟର ଟିମରେ ସୁଯୋଗ ପାଇଛନ୍ତି । ଏହି ସିରିଜରେ ଯଶପ୍ରୀତ ବୁମ୍ରା ଖେଳିବେ ନାହିଁ । ତାଙ୍କୁ ଦଳ ବିଶ୍ରାମ ଦେଇଛି । ଶୁବମନ ଗିଲ ମଧ୍ୟ ଭାରତୀୟ ଟି-୨୦ ସେଟ ଅପରୁ ବାଦ ପଡିଛନ୍ତି ।

ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଆଗାମୀ ସିରିଜକୁ ଭାରତୀୟ ଟି-୨୦ କ୍ରିକେଟରେ ଶ୍ରେୟସଙ୍କ ଯୁଗ ଆରମ୍ଭ ହେବ । ୟୁକେ ଟୁର ବ୍ୟତୀତ ଆଜି ସମାନ୍ତରାଳ ଭାବେ ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ଗେମ୍ସ ପାଇଁ ଟି-୨୦ ସ୍କ୍ୱାଡ ଘୋଷଣା ହୋଇଛି ।

ଏସିଆ ଗେମ୍ସରେ ମଧ୍ୟ ଭାରତର କମାଣ ସମ୍ଭାଳିବେ ଶ୍ରେୟସ ଆୟର । ଏହି ଟିମରେ ଭେଟେରାନ ଯଶପ୍ରୀତ ବୁମ୍ରା ରହିଛନ୍ତି । ଅର୍ଥାତ ଏସିଆନ ଗେମ୍ସ ପାଇଁ ବିସିସିଆଇ ଶକ୍ତିଶାଳୀ ଟିମ ତିଆରି କରିଛି । ଦଳ ପୂରା କ୍ଷମତାର ସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦ ପାଇଁ ଲଢ଼େଇ କରିବ । ଏସିଆନ ଗେମ୍ସ ସ୍କ୍ୱାଡରେ ମଧ୍ୟ ୧୫ ବର୍ଷୀୟ ସୂର୍ଯ୍ୟବଂଶୀ ରହିଛନ୍ତି ।

ଦଳରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଈଶାନ କିଶନ, ଶିବମ ଦୁବେ, ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇଇ, ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ରଖା ଯାଇଛି ।

ଆୟର୍ଲ୍ୟାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ନୂଆ ମୁହଁ ଭାବେ ପ୍ରିନ୍ସ ଯାଦବଙ୍କୁ ସୁଯୋଗ ମିଳିଛି । ଆଇପିଏଲରେ ଦମଦାର ପ୍ରଦର୍ଶନ କରିଥିବାରୁ ତାଙ୍କୁ ଏବେ ବିସିସିଆଇ ଭାରତୀୟ ଟିମରେ ସାମିଲ କରିଛି ।

ତାଙ୍କ ବ୍ୟତୀତ ଦଳରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଈଶାନ କିଶନ, ଶିବମ ଦୁବେ, ତିଳକ ବର୍ମା, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣଇ, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ବୈଭବ ସୂର୍ଯ୍ୟବଂଶୀ ରହିଛନ୍ତି ।

୨୦୨୬ ବିଶ୍ୱକପ ଟିମରେ ଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିସିସିଆଇ ସ୍କ୍ୱାଡରେ ରଖିନାହିଁ । ସମ୍ଭବତଃ ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଖେଳିପାରନ୍ତି । ତେବେ ରିଙ୍କୁ ସିଂହ ଓ କୁଲଦୀପ ଯାଦବଙ୍କୁ ବିସିସିଆଇ ସଂପୂର୍ଣ୍ଣ ଭାବେ ଅଣଦେଖା କରି ଦେଇଛି ।ଆହତ ସମସ୍ୟା ଦେଇ ଗତି କରୁଥିବା ହର୍ଷିତ ରାଣା ସୁସ୍ଥ ହେବା ମାତ୍ରେ ତାଙ୍କୁ ଭାରତୀୟ ଟିମରେ ସାମିଲ କରାଯାଇଛି । ହେଲେ କ୍ରମାଗତ ଭଲ ପ୍ରଦର୍ଶନ କରି ଆସୁଥିବା ରିଙ୍କୁ ସିଂହ ଓ କୁଲଦୀପ ଯାଦବଙ୍କୁ ଇଂଲଣ୍ଡ, ଆୟର୍ଲ୍ୟାଣ୍ଡ ଓ ଏସିଆନ ଗେମ୍ସରୁ ବାଦ ଦେବା ସମସ୍ତଙ୍କୁ ଚକିତ କରିଛି ।

ୟୁକେ ଟୁର ସମୟରେ ଭାରତ ପ୍ରଥମେ ଜୁନ ୨୬ ଓ ୨୮ରେ ଦୁଇଟି ଟି-୨୦ ଆୟର୍ଲ୍ୟାଣ୍ଡ ବିପକ୍ଷରେ ଖେଳିବ । ଏହାପରେ ଇଂଲଣ୍ଡ ବିପକ୍ଷ ୫ଟିକିଆ ଟି-୨୦ ଓ ୩ ଟିକିଆ ଦିନିକିଆ ସିରିଜ ଜୁଲାଇ ୧ରୁ ଆରମ୍ଭ ହେବ । ଏସିଆନ ଗେମ୍ସ ସେପ୍‌ଟେମ୍ବର-ଅକ୍ଟୋବରରେ ଖେଳାଯିବ । କିନ୍ତୁ ଏସିଆନ ଗେମ୍ସ ନିୟମ ଅନୁଯାୟୀ ବିସିସିଆଇ ଆଜି ଠାରୁ ହିଁ ଭାରତୀୟ ଟିମ ଘୋଷଣା କରିଛି ।

ଆଜି ସ୍କ୍ୱାଡ ଘୋଷଣା ବେଳେ ବିସିସିଆଇ କେବଳ ସ୍କାଏଙ୍କୁ କ୍ୟାପ୍‌ଟେନ ପଦରୁ ହଟାଇ ନାହିଁ, ବରଂ ୧୮ ମାସ ହେଲା ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ତାଙ୍କୁ ସ୍କ୍ୱାଡରେ ମଧ୍ୟ ରଖାଯାଇ ନାହିଁ । ତାଙ୍କ ବଦଳରେ ଟି-୨୦ ବିଶ୍ୱକପ ସ୍କ୍ୱାଡରେ ନଥିବା ୩୧ ବର୍ଷୀୟ ଶ୍ରେୟସଙ୍କୁ କ୍ୟାପ୍‌ଟେନ କରାଯାଇଛି । ସେ ୪ ନମ୍ବର ବ୍ୟାଟିଂ ସ୍ଲଟରେ ଖେଳିବେ । ଆଇପିଏଲରେ ଦମଦାର ପ୍ରଦର୍ଶନ ଓ କ୍ୟାପ୍‌ଟେନ୍ସିରେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି ଶ୍ରେୟସ । ସେ ଦିଲ୍ଲୀ, କୋଲକାତା ଓ ପଞ୍ଜାବ କିଙ୍ଗସର କ୍ୟାପ୍‌ଟେନ୍ସି ଦାୟିତ୍ୱ ସମ୍ଭାଳିଛନ୍ତି । ଏହି ୩ଟି ଯାକ ଦଳ ଆୟରଙ୍କ ନେତୃତ୍ୱରେ ହିଁ ଫାଇନାଲ ଖେଳି ପାରିଥିଲେ । ତେଣୁ ଏବେ ବିସିସିଆଇ ତାଙ୍କୁ ଭାରତର କମାଣ ଦାୟିତ୍ୱ ଦେଇଛି ।

## ଇଂଲଣ୍ଡ ଆଗରେ ଆତ୍ମସମର୍ପଣ କଲା ନ୍ୟୁଜିଲାଣ୍ଡ

### ୧୧୫ ରନ୍‌ରେ ହାରିଲା ମ୍ୟାଚ୍

ଲଡ୍‌ସ: ଲର୍ଡ୍ସରେ ଖେଳାଯାଇଥିବା ଐତିହାସିକ ୧୫୦ତମ ଟେଷ୍ଟ୍‌ରେ ନ୍ୟୁଜିଲାଣ୍ଡକୁ ୧୧୫ ରନ୍‌ରେ ପରାସ୍ତ କରିଛି ଇଂଲଣ୍ଡ । ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଇଂଲଣ୍ଡର ପେସ୍ ବାହିନୀ ଆଗରେ ପୁଣି ଥରେ ବିଫଳ ହୋଇ ଆତ୍ମସମର୍ପଣ କରିଥିଲେ ନ୍ୟୁଜିଲାଣ୍ଡ ବ୍ୟାଟର୍ ।



ଶନିବାର ତୃତୀୟ ଦିବସର ଖେଳ ବର୍ଷା ଯୋଗୁଁ ବନ୍ଦ ହେବାବେଳକୁ ୨୫୪ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ୫ ୱିକେଟ୍ ହରାଇ ୫୫ ରନ୍‌ରେ ସଂଘର୍ଷ କରୁଥିଲା । ରବିବାର ଚତୁର୍ଥ ଦିନରେ ବି ନ୍ୟୁଜିଲାଣ୍ଡ ବ୍ୟାଟର୍‌ଙ୍କ ସଂଘର୍ଷ ଜାରି ରହିଥିଲା । ଓପନର୍ ଡେଭନ କନଓ୍ୱେ ୪୧ ରନ୍ କରି ବେନ୍ ଷ୍ଟୋକ୍ସଙ୍କ ଶିକାର ହୋଇଥିବାବେଳେ କେନ୍ ୱିଲିୟମସନ୍ ୧୮ ରନ୍ କରିଥିଲେ । ଦଳର ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟରମାନେ ପୁଣି ବିଫଳ ହୋଇଥିଲେ । ତେବେ ଗ୍ଲେନ୍ ଫିଲିପ୍ସ ଇଂଲଣ୍ଡ ବୋଲରଙ୍କ ଉଚିତ ମୁକାବିଲା କରି ଅପରାଜିତ ୪୪ ରନ୍ କରିଥିଲେ । ଭ୍ରମଣକାରୀ ଦଳ ଗତ କାଲିର ସ୍କୋର୍ ୫୫ ରନ୍‌ରେ ଆଉ ୮୩ ରନ୍ ଯୋଗ କରି ଅଲଆଉଟ୍ ହୋଇଯାଇଥିଲା । ଇଂଲଣ୍ଡ ପକ୍ଷରୁ ଆଟକିନ୍‌ସନ ୫ ୱିକେଟ୍ ନେଇଥିବାବେଳେ ଓଲି ରବିନ୍‌ସନ ଓ ଜୋସ୍ ଟଙ୍ଗ୍ ୨ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଏହି ବିଜୟ ସହ ତିନିଟିକିଆ ଟେଷ୍ଟ ଶୃଙ୍ଖଳାରେ ୧-୦ରେ ଆଗୁଆ ହୋଇଯାଇଛି ଇଂଲଣ୍ଡ । ମୋଟ ସାତ ୱିକେଟ୍ ନେଇଥିବା ଓଲି ରବିନ୍‌ସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା । ସଂକ୍ଷିପ୍ତ ସ୍କୋର:ଇଂଲଣ୍ଡ ପ୍ରଥମ ପାଳି: ୧୪୦ । ନ୍ୟୁଜିଲାଣ୍ଡ୍ ପ୍ରଥମ ପାଳି ୧୧୩ । ଇଂଲଣ୍ଡ ଦ୍ୱିତୀୟ ପାଳି: ୫୬ ଓଭରରେ ୨୨୬ (ଏମିଲିଓ ଗେ'-୫୭, ଜାମି ସ୍ମିଥ୍-୩୯, ବେନ୍ ଡକେଟ୍-୩୩, ଓଲି ରବିନସନ୍-୨୯, ନାଥନ୍ ସ୍ମିଥ୍-୬/୭୦, ୱିଲ୍ ଓ'ରୁର୍କି-୨/୪୬) । ନ୍ୟୁଜିଲାଣ୍ଡ୍ ଦ୍ୱିତୀୟ ପାଳି ୪୦.୩ ଓଭରରେ ୧୩୮ ( ଗ୍ଲେନ୍ ଫିଲିପ୍ସ ୪୪ଅ, ଡେଭନ କନ୍‌ଓ୍ୱେ ୪୧, କେନ୍ ୱିଲିୟମ୍‌ସନ୍ ୧୮, ଗସ ଆଟକିନସନ୍-୫/୩୦, ଓଲି ରବିନସନ୍ ୨/୩୮, ଜୋସ ଟଙ୍ଗ-୨/୪୮) ।

### ୭ମ ରାତ୍ର କୋଇଡା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬

## ବିଏଲ୍ ଜାଗୁଆର ବଲାଣି ଚାମ୍ପିୟନ୍

କୋଇଡା: କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ଆନୁକୂଲ୍ୟରେ ସପ୍ତମ ରାତ୍ର କୋଇଡା ମାଇନିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ପଡିଆ ଠାରେ ଉଦଯାପିତ ହୋଇଯାଇଛି । ଗତ ୨ ଜୁନ୍ ରୁ ପ୍ରାରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ପ୍ରାନ୍ତରୁ ମୋଟ୍ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ସମେତ ଅନ୍ୟ ଅତିଥି ଗଣ ଯୋଗଦେଇ କୋଇଡା ରେ କ୍ରୀଡାର ବିକାଶ ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିବା ଆୟୋଜକ କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ କୁ ଧନ୍ୟବାଦ୍ ଦେବା ସହ ପଡିଆ ମଧ୍ୟରେ ପହଞ୍ଚି ସେମିଫାଇନାଲିଷ୍ଟ ଦଳ ମାନଙ୍କୁ ଶୁବେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ ।ଜାତୀୟ ଅନ୍ତର୍ଜାତୀୟ ଖେଳାଳି ସହ ରାତ୍ରି କାଳୀନ ମ୍ୟାଚ୍ ଖେଳାଯାଉଥିବାରୁ ଖେଳାଳୀ ଓ ଦର୍ଶକ ଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା । ଏହାର ଫାଇନାଲ ମୁକାବିଲା ମ୍ୟାଚ୍ ବିଏଲ୍ ଜାଗୁଆର ବଲାଣି ବନାମ କେସିଏଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବିଏଲ୍ ଜାଗୁଆର ଦଳ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇ ଚଳିତ ବର୍ଷ ଚାମ୍ପିୟନ୍ ହୋଇଥିଲେ । ଅତିଥି ଗଣ ବିଜେତା ଦଳକୁ ୧ ଲକ୍ଷ ନଗଦ ସହ ଟ୍ରଫି ଓ ଉପବିଜେତା ଦଳକୁ ୭୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ କେରଳମ୍ ର ତାରକା ଖେଳାଳି ରିୟାଜ ମଲିଙ୍ଗା ସମେତ ଶ୍ରେଷ୍ଠ ଫିଲ୍ଡର, ସିକ୍ସର୍ , କିପର୍ ଆଦିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟକୁ ସିଧାପ୍ରସାରଣ ଟେଲିକାଷ୍ଟ ରେ ମଧ୍ୟ ଘରେ ବସି ଲୋକ ବେଶ୍ ଉପଭୋଗ କରିଥିଲେ ।



କୋଇଡା କ୍ରିକେଟ ଆସୋସିଏସନ ଟ୍ରଷ୍ଟ ପକ୍ଷରୁ ସଭାପତି ରାଜେନ୍ଦ୍ର ରଣା,ରାଜେଶ ଜୟସ୍ୱାଲ,ଦିପକ ବାର୍ଲା, କପିଳ ଦାସ , ଭକ୍ତ ବାରିକ ସମେତ ବରିଷ୍ଠ ଓ କନିଷ୍ଠ ସମସ୍ତ ସଦସ୍ୟଗଣ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ